ବର୍ଷ-୨୬, ସଂଖ୍ୟା-୩୫
ଭୁବନେଶ୍ୱର
୦୫, ଫେବୃଆରୀ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 35
Bhubaneswar
05, February, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ସୁନା ବଜାରରେ ଚମକୁଛି ସୁନା, ରୂପାରେ ସାମାନ୍ୟ ହ୍ରାସ

ନୂଆଦିଲ୍ଲୀ: ସୁନା ବଜାରରେ ସୁନା ମୂଲ୍ୟ ଦିନର ପ୍ରଥମ ଅଧିବେଶନରେ ଘରୋଇ ବୃଦ୍ଧିର ଧାରା ଦେଖାଯାଉଛି। ତଥାପି, ଆଜି ରୂପାରେ ସାମାନ୍ୟ ଦୁର୍ବଳତା ରହିଛି। ମୂଲ୍ୟ ବୃଦ୍ଧି ଯୋଗୁଁ, ସୁନା ଆଜି ପ୍ରତି ୧୦ ଗ୍ରାମ ୭୨୦ ଟଙ୍କା ବୃଦ୍ଧି ପାଇ ୭୮୦ ଟଙ୍କା ପ୍ରତି ୧୦ ଗ୍ରାମ ହୋଇଛି। ଅନ୍ୟପକ୍ଷରେ, ରୂପା ମୂଲ୍ୟ ଆଜି ପ୍ରତି କିଲୋଗ୍ରାମ ୧୦୦ ଟଙ୍କା ହ୍ରାସ ପାଇଛି। ସୁନା ମୂଲ୍ୟ ବୃଦ୍ଧି ଯୋଗୁଁ ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ୧,୫୩,୯୪୦ ଟଙ୍କାରୁ ୧,୫୪,୦୯୦ ଟଙ୍କା ମଧ୍ୟରେ କାରବାର ହେଉଛି।

## ଶ୍ୱେତଗଙ୍ଗାରେ ପିଣ୍ଡ ଦାନ କଲେ ମହାମହିମ





ପୁରୀ,୪।୨(ମହାଭାରତ):: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବାହ୍ନରେ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଲୋକ ଭବନରୁ ବାହାରି ରାଷ୍ଟ୍ରପତି ଭିଆଇପି ରୋଡ଼, ମେଡିକାଲ ଛକ , କାକୁଡିଖାଇ ଛକ ଦେଇ ଶ୍ୱେତଗଙ୍ଗାରେ ପହଞ୍ଚିଥିଲେ।ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ ପରେ ଏମାର ମଠ ଚକଡା ଦେଇ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ।ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ , ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢୀ,ପୁଲିସ ଆଇଜି ଅରୁଣ କୁମାର ସାହୁ,ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା,ଏସପି ପ୍ରତୀକ ସିଂ ପ୍ରମୁଖ ରାଷ୍ଟ୍ରପତି ଙ୍କୁ ସ୍ୱାଗତ କରିଥିଲେ।ପରେ ରାଷ୍ଟ୍ରପତି ପାଦ ପ୍ରକ୍ଷାଳନ କରି ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚି ପ୍ରଣାମ କରିଥିଲେ। ସିଂହଦ୍ୱାର ଦେଇ ପତିତପାବନଙ୍କ ଦର୍ଶନ ସାରି ବାଇଶି ପାହାଚ ଟପି ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିଥିଲେ।ଦର୍ଶନ ପରେ ଫେରିବା ପଥରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀ କିଛି ସମୟ ବାଇଶି ପାହାଚ ରେ ବସିଥିଲେ। ସିଂହଦ୍ୱାର ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମହାପ୍ରଭୁଙ୍କ ବେଶ ଫଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ରାଷ୍ଟ୍ରପତି ଙ୍କ ଶ୍ରୀଜୀଉ ମାନଙ୍କୁ ଦର୍ଶନ ସମୟରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ମଧୁସୂଦନ ସିଂହାରୀ,ରାମ ନାରାୟଣ ଗୋଚ୍ଛିକାର,କୃଷ୍ଣଚନ୍ଦ୍ର ସାମନ୍ତରା,ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।ପରେ ରାଷ୍ଟ୍ରପତି ଚାଲି ଚାଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ସହ ପିଲା ମାନଙ୍କୁ ଚକଲେଟ ବଣ୍ଟନ କରିଥିଲେ।ଏହାପରେ ରାଷ୍ଟ୍ରପତି ଲୋକଭବନରେ ପହଞ୍ଚି କିଛି ସମୟ ବିରତି ପରେ ହେଲିପ୍ୟାଡ ଅଭିମୁଖେ ପ୍ରସ୍ଥାନ କରିଥିଲେ।ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ମୟୂରଭଞ୍ଜର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ।

## ରାଇରଙ୍ଗପୁରରେ ଏକାଧିକ ପ୍ରକଳ୍ପ ଭେଟିଦେଲେ ରାଷ୍ଟ୍ରପତି

ଭୁବନେଶ୍ୱର,୪।୨(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଇରଙ୍ଗପୁରଠାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ ଉଦଘାଟନ କରିଛନ୍ତି। ଏଥିସହିତ ସେ ଆୟୁଷ ହସ୍ପିଟାଲ ତଥା ଆୟୁର୍ବେଦିକ କଲେଜ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ଧନୁର୍ବିଦ୍ୟା କେନ୍ଦ୍ର, ସହର ସୌନ୍ଦର୍ଯ୍ୟକରଣ ଏବଂ ଜଳ ନିଷ୍କାସନ ଉନ୍ନତିକରଣ ପ୍ରକଳ୍ପ, ପ୍ରେକ୍ଷାଳୟ ଓ ସାଂସ୍କୃତିକ କେନ୍ଦ୍ର, ଛାତ୍ରୀନିବାସ ଏବଂ ନିଶା ନିବାରଣ କେନ୍ଦ୍ର ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି କହିଥିଲେ, ଭାରତ ସରକାରଙ୍କ ପୂର୍ବୋଦୟ ଦୃଷ୍ଟିକୋଣ ଓଡ଼ିଶାର ବିକାଶକୁ ପ୍ରାଥମିକତା ଦେଇଥାଏ। ମୟୂରଭଞ୍ଜ ଜିଲ୍ଲା ଏହି ଦୃଷ୍ଟିକୋଣରୁ ଯଥେଷ୍ଟ ଲାଭ ପାଉଛି। ଏହି ବିକାଶମୂଳକ ପ୍ରକଳ୍ପ, ପ୍ରତିଷ୍ଠାନ ଏବଂ ଯୋଜନାଗୁଡ଼ିକ ସ୍ଥାନୀୟ ଅଞ୍ଚଳକୁ ଲାଭାନ୍ୱିତ କରିବ ଏବଂ ଏଠାକାର ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରାଷ୍ଟ୍ରପତି ବିଶ୍ୱାସ ପ୍ରକଟ କରିଥିଲେ। ରାଷ୍ଟ୍ରପତି କହିଥିଲେ, ଭାରତ ସରକାର ଆଦିବାସୀ ଭାଇଭଉଣୀମାନଙ୍କ ଆର୍ଥିକ ବିକାଶ ପାଇଁ ବିଶେଷ ପ୍ରୟାସ କରୁଛି। ପ୍ରଧାନମନ୍ତ୍ରୀ ବନ ଧନ ଯୋଜନା ମାଧ୍ୟମରେ ୯୦ ରୁ ଅଧିକ କ୍ଷୁଦ୍ର ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି । କ୍ଷୁଦ୍ର ଋଣ ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିବାସୀ ସଦସ୍ୟମାନଙ୍କୁ ଋଣ ଯୋଗାଇ ଦିଆଯାଉଛି। ସେହିପରି ଅନୁସୂଚିତ ଜନଜାତି ମହିଳା ସଶକ୍ତିକରଣ ଯୋଜନା ଅଧୀନରେ ଆଦିବାସୀ ମହିଳାଙ୍କୁ କମ ସୁଧରେ ଋଣ ପ୍ରଦାନ ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ। ସରକାର ଉତମ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧା ପାଇଁ ମଧ୍ୟ



କାର୍ଯ୍ୟ କରୁଛନ୍ତି।

ପିଭିଟିଜି ସମ୍ପ୍ରଦାୟଗୁଡ଼ିକର କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ-ଜନମନ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଅଂଚଳଗୁଡ଼ିକୁ ବିଦ୍ୟୁତକରଣ କରାଯାଇଛି ଏବଂ ଦୁର୍ଗମ ଅଂଚଳରେ ଫୋର୍ ଜି ଇଂଟରନେଟ୍ ସଂଯୋଗ ଯୋଗାଇ ଦିଆଯାଇଛି। ଏହି ପ୍ରୟାସ ସହିତ, ଆଦିବାସୀ ଅଂଚଳରେ ସାମଗ୍ରିକ ବିକାଶର ଧାରା ପ୍ରବାହିତ ହେଉଛି।ରାଷ୍ଟ୍ରପତି କହିଥିଲେ, ଆଦିବାସୀ ସମ୍ପ୍ରଦାୟର ବିକାଶ ମାଧ୍ୟମରେ ହିଁ ସବୁଠାରୁ ଗରିବ ଲୋକଙ୍କ ଉନ୍ନତିର ଲକ୍ଷ୍ୟ ହାସଲ କରାଯାଇପାରିବ। ସମସ୍ତ ସରକାରୀ କଲ୍ୟାଣ ଓ ବିକାଶମୂଳକ ଯୋଜନାର ଲାଭ ଆଦିବାସୀ ସମ୍ପ୍ରଦାୟକୁ ଯୋଗାଇ ଦେବା ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମସ୍ତଙ୍କୁ ସେହି ଯୋଜନାଗୁଡ଼ିକର ଲାଭ ଉଠାଇ ଅନ୍ୟମାନଙ୍କୁ ସଚେତନ କରିବାକୁ ରାଷ୍ଟ୍ରପତି ଆହ୍ୱାନ କରିଥିଲେ। ସେ କହିଥିଲେ, ଏହା ସ୍ଥାନୀୟ ବିକାଶ ସୁନିଶ୍ଚିତ କରିବା ସହିତ ରାଜ୍ୟର ବିକାଶରେ ଯୋଗଦାନ କରିବ। ଶେଷରେ ଏହା ଦେଶର ବିକାଶକୁ ଆଗେଇ ନେବ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଆମ ସଂକଳ୍ପ କେବଳ ସରକାର ଏବଂ ନାଗରିକଙ୍କ ସାମୂହିକ ପ୍ରୟାସ ଦ୍ୱାରା ପୂରଣ ହେବ ବୋଲି ରାଷ୍ଟ୍ରପତି ଜୋର ଦେଇ କହିଥିଲେ।

## ଜୈଶର ଦୁଇ ଆତଙ୍କବାଦୀ ନିହତ

ଉଧମପୁର,୪।୨(ମହାଭାରତ): ଉଧମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳରେ ମିଳିତ ସୁରକ୍ଷା ବଳ ସହ ଚାଲିଥିବା ମୁହାଁମୁହିଁରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ମୁହାଁମୁହିଁ ମଙ୍ଗଳବାର ଆରମ୍ଭ ହୋଇଥିଲା, ଯେତେବେଳେ ସୁରକ୍ଷା ବଳ ଅଞ୍ଚଳରେ ଆତଙ୍କବାଦୀମାନଙ୍କ ଉପସ୍ଥିତି ସମ୍ପର୍କରେ ମିଳିଥିବା ବିଶେଷ ଗୁପ୍ତସୂଚନା ଆଧାରରେ ଘେରାଉ ଓ ତଲାସୀ ଅଭିଯାନ ଆରମ୍ଭ କରିଥିଲେ।

ଆତଙ୍କବାଦୀମାନଙ୍କ ସହ ସଂପର୍କ ସ୍ଥାପିତ ହେବା ସହସହି ଅତିରିକ୍ତ ବଳକୁ ମୁହାଁମୁହିଁ ସ୍ଥଳକୁ ପଠାଯାଇଥିଲା। ଅଧିକାରୀମାନେ କହିଛନ୍ତି ଯେ ଆତଙ୍କବାଦୀମାନେ ଏକ ଗୁମ୍ଫା ଭିତରେ ଲୁଚିଥିଲେ, ସେଠାରେ ତାଙ୍କୁ ମରାଯାଇଛି। ଏହା ପରେ ମଧ୍ୟ ତଲାଶି ଅଭିଯାନ ଜାରି ରହିଛି। ଏହିମଧ୍ୟରେ ହ୍ୱାଇଟ ନାଇଟ କର୍ପ୍ସ କହିଛି ଯେ ଜମ୍ମୁ-କଶ୍ମୀର ପୋଲିସ୍‌ରୁ ମିଳିଥିବା ବିଶେଷ ଗୁପ୍ତସୂଚନା ଆଧାରରେ ସିଆଇଏଫ୍ ଡେଲ୍ଟା ଏବଂ ହ୍ୱାଇଟ ନାଇଟ କର୍ପ୍ସର ସୈନ୍ୟମାନେ, ଜେକେପି ଓ ସିଆରପିଏଫ୍‌ର ସମନ୍ୱୟରେ ବସନ୍ତଗଡ଼ର ଜୋଫର ଜଙ୍ଗଲ ଅଞ୍ଚଳରେ ଏକ କେନ୍ଦ୍ରିତ ଆତଙ୍କବାଦ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। କୌଣସି ଆତଙ୍କବାଦୀ ପଳାଇ ପାରିବାକୁ ନ ପାରନ୍ତି ବୋଲି ଘେରାଉକୁ ଆଉ ଶକ୍ତ କରାଯାଇଥିଲା। ମଙ୍ଗଳବାର ଆତଙ୍କବାଦୀମାନଙ୍କ ସହ ସଂପର୍କ ସ୍ଥାପିତ ହୋଇଥିଲା ଏବଂ ସେମାନେ ଲଗାତାର ଭାବେ ତାଙ୍କୁ ଘେରାବନ୍ଦୀ କରି ରଖିଥିଲେ।

## ଧାନଚାଷୀମାନଙ୍କୁ ଡିଜିଟାଲ୍ ସଂସ୍କାର ମାଧ୍ୟମରେ ଦେୟ ପ୍ରଦାନ

ଭୁବନେଶ୍ୱର,୪।୨(ମହାଭାରତ): ଚଳିତ ଖରିଫ ଋତୁରେ ଚାଷୀମାନଙ୍କୁ ସେମାନଙ୍କର ଧାନ ବିକ୍ରୟର ସର୍ବନିମ୍ନ ସହାୟତା ମୂଲ୍ୟ ଏବଂ ଇନ୍‌ପୁଟ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥି ପାଇଁ ସରକାର ଡିଜିଟାଲ୍ ସଂସ୍କାର ବ୍ୟବସ୍ଥାକୁ ଆପଣାଇଛନ୍ତି । ଏହି ପ୍ରାପ୍ୟ ପ୍ରଦାନରେ ସ୍ୱଚ୍ଛତା, ତ୍ରୁଟିଶୂନ୍ୟ ଦେୟ ପ୍ରଦାନ ନୀତି ଅନୁସରଣ କରାଯାଇଛି । ଚଳିତ ଖରିଫ ଋତୁରେ ସରକାର ପ୍ରାୟ ୧୦ ଲକ୍ଷ ୫୬ ହଜାର ଚାଷୀଙ୍କୁ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନ୍‌ପୁଟ ସହାୟତା ରାଶି ବାବଦକୁ ୧୨,୭୦୩ କୋଟି ୭୪ ଲକ୍ଷ ଟଙ୍କା ପ୍ରଦାନ କରିସାରିଲେଣି । ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ଦେୟ ପ୍ରଦାନ ପ୍ରକ୍ରିୟା ଜାରି ରହିଥିବାବେଳେ ଏ ପର୍ଯ୍ୟନ୍ତ ମାତ୍ର ୫୫୬୨ ଆକାଉଂଟକୁ ଦେୟ ପ୍ରଦାନରେ ସାମାନ୍ୟ ସମସ୍ୟା ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଯାଇଛି ।

ସଂପୃକ୍ତ ଚାଷୀମାନଙ୍କ ଆକାଉଂଟରେ ସର୍ବାଧିକ ନେଣଦେଣ, ପ୍ରାୟତଃ ଜନଧନ ଆକାଉଂଟ, ଏୟାରଟେଲ୍ ପେମେଂଟ ବ୍ୟାଙ୍କ, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ ଆକାଉଂଟରେ ଦେଣନେଣ ପରିମାଣ ସୀମା ଥିବା କାରଣରୁ ଏହିସବୁ ଆକାଉଂଟକୁ ଦେୟ ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଛି। ଏଥି ସହ ପଞ୍ଜିକରଣବେଳେ ନିଷ୍କ୍ରିୟ ଆକାଉଂଟ ପ୍ରଦାନ, ଆଧାର ସଂଯୋଗ ନଥିବା ଓ ଇ-କେୱାଇସି ହୋଇନଥିବା ଆକାଉଂଟକୁ ଏହି ଦେୟ ପ୍ରଦାନରେ ସମସ୍ୟା ଦେଖାଦେଉଛି । ମାତ୍ର ରାଜ୍ୟ ସରକାର ଏସବୁର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଜିଲ୍ଲାସ୍ତରରେ କ୍ଷେତ୍ର ଅଧିକାରୀମାନେ ସଂପୃକ୍ତ ଚାଷୀମାନଙ୍କ ସହ ନିରନ୍ତର ଯୋଗାଯୋଗରେ ରହିବା ସହ ସେମାନଙ୍କ ଆକାଉଂଟ ଥିବା ବ୍ୟାଙ୍କଗୁଡ଼ିକ ସହ ସଂପର୍କରେ ଅଛନ୍ତି । ଯେପରି କୌଣସି ଯୋଗ୍ୟ ଚାଷୀ ତାଙ୍କର ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥି ପ୍ରତି ସରକାର ସଜାଗ ଅଛନ୍ତି ।

ଦେୟ ପ୍ରଦାନ କ୍ଷେତ୍ରରେ ଦୃଢ଼ ସ୍ୱଚ୍ଛତା ପ୍ରକ୍ରିୟା ଅବଲମ୍ବନ କରାଯାଇ ପ୍ରଥମ ଥର ପାଇଁ ଆଧାର ସଂଯୋଗ ଥିବା ଇ-କେୱାଇସି ପେମେଂଟ ବ୍ୟବସ୍ଥା ଗ୍ରହଣ କରାଯାଇଛି, ଯାହା ଦ୍ୱାରା ପି-ପାସ୍ (ପ୍ୟାଡ଼ି ପ୍ରୋକ୍ୟୁରମେଂଟ ଅଟୋମେସନ୍ ସିଷ୍ଟମ୍) ବ୍ୟବସ୍ଥା ସହ ସଂଯୋଗ ଥିବା ଆକାଉଣ୍ଟକୁ ସଂପୃକ୍ତ ଚାଷୀଙ୍କ ଦେୟ ପ୍ରଦାନ କରାଯାଉଛି । ଏଥି ସହ ପ୍ରତ୍ୟେକ ଅଭିଯୋଗର ସମାଧାନ ପାଇଁ ଦେୟମୁକ୍ତ ନମ୍ବର ୧୯୬୭ ମଧ୍ୟ ଖୋଲାଯାଇଛି। ଏଠାକୁ ଆସୁଥିବା ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ସହ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରାଯାଉଛି ।

## କଟକ ସଦର କଂଗ୍ରେସରେ ମହାବିସ୍ଫୋରଣ

ଭୁବନେଶ୍ୱର,୪।୨(ମହାଭାରତ): ଓଡ଼ିଶା ପ୍ରଦେଶ କଂଗ୍ରେସରେ ଏକ ବଡ଼ ଧରଣର ବିଭ୍ରାଟ ଦେଖାଦେଇଛି । କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ସକ୍ରିୟ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ବହୁ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି କଟକ ଜିଲ୍ଲା ରାଜନୀତିରେ ଏକ ପ୍ରକାର କମ୍ପନ ସୃଷ୍ଟି କରିଥିବା ବେଳେ ପ୍ରଦେଶ କଂଗ୍ରେସ କମିଟିର ସଭାପତିଙ୍କ ନିକଟକୁ ଏହି ଇସ୍ତଫା ପତ୍ର ପଠାଯାଇଛି। ଆଜି କଟକର ଧାକୁଲାଇ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ କରାଯାଇ ଏହି ସମୂହ ଇସ୍ତଫା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ନୂତନ ଆଶା ଓ ବିଚାରର ସମନ୍ୱୟରେ ଆଗାମୀ ଦିନରେ କାମ କରିବା ବୋଲି କହିଥିଲେ। ଇସ୍ତଫା ଦେଇଥିବା ସମସ୍ତ କର୍ମକର୍ତ୍ତା ଶ୍ରୀ ମୋକିମଙ୍କ ନୂତନ ସଙ୍ଗଠନରେ ଯୋଗଦେବା ପାଇଁ ସହମତି ଜଣାଇଛନ୍ତି। ଇସ୍ତଫା ଦେଇଥିବା ନେତୃବୃନ୍ଦଙ୍କ ମଧ୍ୟରେ କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ଉପ-ସଭାପତି ଦୀପକ ପରିଡ଼ା, କଟକ ସଦରର ପୂର୍ବତନ ଯୁବ ସଭାପତି ଜୀବନ ଜେନା, କଳପଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅସ୍ମିତା ସାହୁ, ବରିଷ୍ଠ ନେତା ସିଦ୍ଧେଶ୍ୱର ପଟି, ପ୍ରଭାସ ପଣ୍ଡା, ନାୟକ ସରପଞ୍ଚ କଳପଡା ପଂଚାୟତ ସଂବିତ ପରିଡା, ରମେଶ ମଲ୍ଲିକ, ଜଗମୋହନ ମହାପାତ୍ର, ରବି ନାରାୟଣ ନାୟକ, କୁନା ସାମନ୍ତରାୟ, ସରବର ଅଲ୍ଲୀ, ତପନ ବାରିକ,ସଂବିତ ବିଶ୍ୱାଳ, ବିଶ୍ୱକେତନ ବିଶ୍ୱାଳ, ଆଲମସ ରଗବି, ରାଜେସ ହାତୀ, ପ୍ରଶାନ୍ତସିଂ,ପ୍ରଭାତ ବେହେରା, ସଞ୍ଜୟ ପରିଡାଙ୍କ ଭଳି ପ୍ରଭାବଶାଳୀ ନେତା ସାମିଲ ଅଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୩୦ ବର୍ଷ ହେଲା କଟକ ସଦର ନିର୍ବାଚନ ମଣ୍ଡଳୀରେ ଦଳର ସାଂଗଠନିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି ଏବଂ ନିର୍ବାଚନ ସମୟରେ ତୃଣମୂଳ ସ୍ତରର କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମତାମତକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଉଛି। ଭୁଲ୍ ପ୍ରାର୍ଥୀ ଚୟନ ଏବଂ ଦୂରଦୃଷ୍ଟିର ଅଭାବ ଯୋଗୁଁ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଭୋଟ ସଂଖ୍ୟା ମାତ୍ର ୨ ରୁ ୫ ହଜାର ମଧ୍ୟରେ ସୀମିତ ରହିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେମାନେ ପ୍ରକାଶ କରିଛନ୍ତି। ବିଶେଷ କରି ବର୍ତ୍ତମାନର ପିସିସି ସଭାପତି ଭକ୍ତ ଚରଣ ଦାସ କର୍ମୀଙ୍କ ସହ କୌଣସି

## ୨୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ

ମାଲକାନଗିରି,୪।୨(ମହାଭାରତ): ମାଲକାନଗିରି ପୁଲିସକୁ ମିଳିଛି ବଡ ସଫଳତା । ଛତିଶଗଡ ମାଓ ସଂଗଠନର ହାର୍ଡକୋର ମାଓବାଦୀ ଶୁକ୍ରାମ ମାଡକାମ ବୁଧବାର



ମାଲକାନଗିରି ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛି । ମାଓ ସଂଗଠନ ରେ ବ୍ୟବହାର କରୁଥିବା ନିଜର ଅତ୍ୟାଧୁନିକ ଏସଏଲଆର ବନ୍ଧୁକ ସହ ୧୨ଟି ଅଫୁଟା ଗୁଳି, ଦୁଇଟି ଲ୍ୟାଣ୍ଡମାଇନ, କୋଡେକ୍ସ ତାର, ବିଦ୍ୟୁତ ତାର, ମେଡିସିନ୍ ଓ ନକ୍ସଲ ପୋଷାକ ଓ ପ୍ରଚାର ପତ୍ର ସହ ପୁଲିସ ପାଖରେ ଆତ୍ମସମର୍ପଣ କରିଛି ।ଛତିଶଗଡ ସୁକୁମା ଜିଲ୍ଲା ସହ ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ଦଲଦଲି ଅଞ୍ଚଳର ଅନେକ ହିଂସା କାଣ୍ଡରେ ଜଡିତ ଥିଲେ ଏହି ହାର୍ଡକୋର ମାଓବାଦୀ ଶୁକ୍ରାମ ମାଡକାମ । କାଙ୍ଗେରଘାଟି ଏରିଆ କମିଟି ମେମ୍ବର ଶୁକ୍ରାମ ମୁଣ୍ଡ ଉପରେ ୨୧ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେ ଓଡିଶା ଓ ଛତିଶଗଡର ବିଭିନ୍ନ ହିଂସାକାଣ୍ଡରେ ସାମିଲ ଥିଲା। ହେଲେ ଆତ୍ମସମର୍ପଣ ପରେ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବା ବୋଲି ମାଲକାନଗିରି ଏସପି କହିଛନ୍ତି ।

## ସମୟ କହିବ କଣ ହେଉଛି : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୪।୨(ମହାଭାରତ): ରାଜ୍ୟସଭା ନିର୍ବାଚନରେ ବିଜେଡ଼ି ଚତୁର୍ଥ ସିଟ ନେବା ବୋଲି ଦମ୍ଭୋକ୍ତି କରିବା ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ସମୟ କହିବ କଣ ହେଉଛି, ଅପେକ୍ଷା କରନ୍ତୁ । କିଏ ଚତୁର୍ଥ



ଆସନ ଜିତିବ, କେମିତି କଣ ସମୀକରଣ ହେବ ସେ ନେଇ ସମୟକୁ ଅପେକ୍ଷା କରିବା ହିଁ ଠିକ୍ ହେବ। ଗଣିତ କଣ ହେବ, ମିଶାଣ ହେଉଛି କି ଫେଡ଼ାଣ ହେଉଛି, ସେ ସମୟ ମଧ୍ୟ ବହୁତ ଶୀଘ୍ର ଆସିଯିବ।

ଅନ୍ୟପକ୍ଷରେ ରାଜ୍ୟସଭା ପ୍ରାର୍ଥୀ ନେଇ ବିଜେଡ଼ି ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ ନବୀନ ବାବୁ ଠିକ୍ ସମୟରେ ଠିକ୍ ନିଷ୍ପତି ନେବେ। ନୂଆ ଚେହେରା ହେଉ କି ପୁରୁଣା, ଯେଉଁ ନିଷ୍ପତି ନବୀନ ବାବୁ ନେବେ ତାକୁ ଆମେ ସମସ୍ତେ ମାନିବୁ।

## ଲିଙ୍ଗରାଜ ମହାପ୍ରଭୁଙ୍କ ରୀତିନୀତି ନେଇ ଆଲୋଚନା

ଭୁବନେଶ୍ୱର,୪।୨(ମହାଭାରତ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ଓ ପୂଜାବିଧି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ରୀତିନୀତି ଏବଂ ପୂଜାବିଧି ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା । ଏଥି ସହିତ ଚଳିତ ଜାଗର ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଲେ ଯେ ଲିଙ୍ଗରାଜ ମହାପ୍ରଭୁ ସାରା ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଆରାଧ୍ୟ ଦେବତା। ତେଣୁ ରୀତିନୀତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ । ଚଳିତ ଫେବୃଆରୀ ୧୫ ତାରିଖରେ ଜାଗର ଉତ୍ସବ ଅନୁଷ୍ଠିତ ହେଉଛି । ଏହି ଉତ୍ସବରେ ଅନେକ ଭିଡ଼ ହେବାର ସମ୍ଭାବନା ରହିଛି । ଜାଗର ଦିନ ଲିଙ୍ଗରାଜଙ୍କ ଦର୍ଶନ ନେଇ ସବୁ ଭକ୍ତଙ୍କ ମନରେ ଆଗ୍ରହ ରହୁଥିବାରୁ ଭିଡ଼କୁ ଆୟତ କରିବା ଏବଂ ସମସ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିବା ଏକ ବଡ ଆହ୍ୱାନ । ଏହି ଆହ୍ୱାନର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ଲିଙ୍ଗରାଜ ମନ୍ଦିରର ସେବକ ଓ ନିଯୋଗସମୂହ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି । ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଅଘଟଣକୁ ଆମନ୍ତ୍ରଣ କରିପାରେ । ତେଣୁ ଚଳିତ ଜାଗରକୁ ସୁଚାରୁ ରୂପେ ପରିଚାଳନା କରିବା ଏବଂ ସବୁ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ସେବାୟତ ଓ ନିଯୋଗସମୂହ ସହ ସମନ୍ୱୟ ରଖି ସଠିକ୍ ସମୟରେ ନୀତିକାନ୍ତି ସମାପନ, ପୂଜାବିଧି ପାଳନ, ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବା ସହ ମନ୍ଦିର ଭିତରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଅକ୍ସିଜେନ୍ ?ର ବ୍ୟବସ୍ଥା ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା । ଏଥି ସହିତ ସମୟ ଅନୁସାରେ ରୀତିନୀତିର ତଥ୍ୟ ବିଭିନ୍ନ ଟିଭି, ରେଡ଼ିଓ, ମୁଦ୍ରଣ ଗଣମାଧ୍ୟମ ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରସାରଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଜାଗର ଉତ୍ସବକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପୂର୍ବ ଅଭିଜ୍ଞତା ଥିବା ବରିଷ୍ଠ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବା ବିଷୟ

## ୩ ବିଳାସପୂର୍ଣ୍ଣ କାରାଭାନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୪।୨(ମହାଭାରତ): ଆଜି ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଧଉଳିଠାରେ ୩ଟି ବିଳାସପୂର୍ଣ୍ଣ କାରାଭାନ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାରାଭାନ୍ ଟୁରିଜିମ୍ ଯୁବ ପର୍ଯ୍ୟଟକ ଏବଂ ପ୍ରକୃତିପ୍ରେମୀଙ୍କ ସହ ଦୁଃସାହସିକ ଭ୍ରମଣରେ ଆଗ୍ରହ ରଖୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ । ଏହା ପର୍ଯ୍ୟଟନ ସହ ବିଳାସମୟ ଯାତ୍ରାକୁ ଯୋଡ଼ିବ । ଭ୍ରମଣ ସମୟରେ ହୋଟେଲର ଆବଶ୍ୟକତାକୁ ମଧ୍ୟ ଏହି କାରାଭାନ୍ ପୂରଣ କରିପାରିବ । ଏହି କାର୍ଯ୍ୟକ୍ରମରେ ଏକାମ୍ର (ଭୁବନେଶ୍ୱର) ବିଧାୟକ ବାବୁ ସିଂ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଭୁବନେଶ୍ୱର ବ୍ଲକ୍ ଅଧକ୍ଷା, ଧଉଳିର ସରପଞ୍ଚ, ସ୍ୟାଣ୍ଡ ପେବେଲ୍ସ ଟୁ ଆଣ୍ଡ ଟ୍ରାଭେଲ୍ସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଆଲୋକ ମହାରଣା, ସ୍ଥାନୀୟ ଲୋକପ୍ରତିନିଧିଗଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଦସ୍ୟାଗଣ ଉପସ୍ଥିତ ଥିଲେ।

## ଜେଲ ଗଲେ କନିଷ୍ଠ ଯନ୍ତ୍ରୀ : କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପତ୍ତି ଠାବ

ଜୟପୁର,୪।୨(ମହାଭାରତ): ଜୟପୁର ଭିଜିଲାନ୍ସ ବିଭାଗ ଦ୍ୱାରା ଗତକାଲି ୨୦ ହଜାର ଟଙ୍କା ଲାଂଚ ନେବା ବେଳେ ଗିରଫ ହୋଇଥିବା ବିଦ୍ୟୁତ ବିଭାଗ ଟାଟା ପାୱାରର ଲାଂଚୁଆ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକଙ୍କ ଏବଂ ଲାଂଚ ନେଣଦେଣରେ ମଧ୍ୟସ୍ଥି ସାଜିଥିବା ଅଭିଯୁକ୍ତ ବହି ଦୋକାନୀ ଭଞ୍ଜ କିଶୋର ସ୍ୱାଇଁଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା. କିନ୍ତୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦାୟୀତ୍ୱରେ ରହିଥିବା ଜଜ୍ ଏହି ଜାମିନର ଶୁଣାଣି ଆସନ୍ତା ୧୭ ତାରିଖକୁ ଶୁଣାଣି ନେଇ ସ୍ଥଗିତ ରଖିବା ସହିତ ଜେଲକୁ ହାଜତକୁ (ବିଚାରବିଭାଗିୟ )ରଖିବା ନେଇ ନିର୍ଦ୍ଦେଶ ଦେଇଛନ୍ତି । ଏହିପରି ଆୟବର୍ହିଭୁତ ସମ୍ପତି ନେଇ ଯାଂଚ ବେଳେ ବ୍ରହ୍ମପୁର ଠାରେ ୨ହଜାର ବର୍ଗଫୁଟରେ ଦୁଇ ମହଲା ଘର, ଭୁବନେଶ୍ୱର ଏବଂ ବ୍ରହ୍ମପୁର ନାମୀଦାମୀ ଅଂଚଳରେ ୫ଟି ଦାମିକିଆ ପ୍ଲଟ, ୧୫୯ ଗ୍ରାମ ସୁନା ଅଳଙ୍କାର, ଗୋଟିଏ ଚାରିଚକିଆ ଏବଂ ୨ଟି ଦୁଇ ଚକିଆ ଯାନ ରହିଛି । ଏହିପରି ତାଙ୍କର ଅନ୍ୟାନ୍ୟ ସ୍ଥାନରେ ସମ୍ପତି ରହିଥିବା ନେଇ ଯାଂଚ ଜାରୀ ରହିଥିବା ନେଇ ରହିଥିବା ନେଇ ଜୟପୁର ସ୍ଥିତ କୋରାପୁଟ ଡିଭିଜନ ଭିଜିଲାନ୍ସ ଏସ.ପି ରବିନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀ ଗତ ୨୦୦୪ ମସିହାରେ ମାସିକ ୩ ହଜାର ଟଙ୍କା ଦରମାରେ କନିଷ୍ଠ ଯନ୍ତ୍ରୀ ତାଲିମ ଗ୍ରହଣ ଆରମ୍ଭ କରିଥିଲେ ଏବଂ ଗତ ୨୦୨୧ ମସିହାରେ କନିଷ୍ଠ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇବା ପରେ ମାଲକାନଗିରି ଜିଲ୍ଲା ଟାଟା ପାୱାର ବିଦ୍ୟୁତ ବିତୋରକ ବିଭାଗରେ ଯୋଗଦାନ କରିଥିଲେ । ପ୍ରକାଶ ଯେ, ଗତକାଲି ମାଲକାନଗିରି ଠାରେ ଜଣେ ଇଟା କାରଖାନା ମାଲିକଙ୍କୁ ବିଦ୍ୟୁତ ସଂଯୋଗ କରିବା ନେଇ ୨୦ ହଜାର ଟଙ୍କା ଜଣେ ମଧ୍ୟସ୍ଥି ଦୋକାନୀଙ୍କ ଦ୍ୱାରା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଉଭୟ କନିଷ୍ଠ ଯନ୍ତ୍ରୀ ଏବଂ ମଧ୍ୟସ୍ଥି ଧରାପଡିଥିଲେ। ଭିଜିଲାନ୍ସ ଏସ.ପି ଶ୍ରୀ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ଡିଏସପି ସଦାନନ୍ଦ ପାଣି, ଅଭିୟ ପ୍ରଧାନ, ଇନସପେକ୍ଟର ସନ୍ତୋଷୀ ବାରିକ, ଅନୁଭା ଦାସ, ସାବିତ୍ରୀ ପ୍ରଧାନ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଭିଜିଲାନ୍ସ କର୍ମଚାରୀ ସାମିଲ ହୋଇଥିଲେ ।

## ୫୪୫୧ ନିଖୋଜ ବ୍ୟକ୍ତି ଉଦ୍ଧାର

ଭୁବନେଶ୍ୱର,୪।୨(ମହାଭାରତ): ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୋଲିସ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧.୦୧.୨୦୨୬ରୁ ୩୦.୦୧.୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ 'ଅପରେସନ୍ ଅନ୍ୱେଷଣ-୨' ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସହରାଂଚଳ ପୋଲିସ ସକ୍ରିୟ ଭାବେ ସାମିଲ ହୋଇ ରେକର୍ଡ ସଂଖ୍ୟକ ୫୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ସେଥିମଧ୍ୟରେ ୭୭ ଜଣ ନାବାଳକ, ୭୦୯ ଜଣ ନାବାଳିକା ଓ ୪୬୬୫ ଜଣ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି।

ପୁରୀ ଜିଲ୍ଲା ପୋଲିସ ସର୍ବାଧିକ ୬୧୩ ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ବେଳେ କଟକ ଜିଲ୍ଲା ୫୦୧ ଜଣ, ଭଦ୍ରକ ଜିଲ୍ଲା ୪୨୯ ଜଣ ଉଦ୍ଧାର କରିଛନ୍ତି । ସେହିପରି ଗଞ୍ଜାମ ଜିଲ୍ଲା ୪୧୩ ଜଣ, କେନ୍ଦ୍ରାପଡ଼ା ୩୪୬ ଜଣ, ଯାଜପୁର ୨୭୧ ଜଣ, ବରଗଡ଼ ୨୩୬ ଜଣ, ଅନୁଗୁଳ ୨୧୦ ଜଣ, ଢେଙ୍କାନାଳ ୨୦୬ ଜଣ, ଜଗତସିଂପୁର ୧୭୭ ଜଣ, ନୂଆପଡ଼ା ୧୭୩ ଜଣ, ବ୍ରହ୍ମପୁର ୧୭୦ ଜଣ, କେଉଁଝର ୧୬୧ ଜଣ, ସୁନ୍ଦରଗଡ ୧୩୫ ଜଣ, କଟକ ସହରାଂଚଳ ୧୩୪, କଳାହାଣ୍ଡି ୧୩୩ ଜଣ, ନୟାଗଡ ୧୨୭ ଜଣ, ବାଲେଶ୍ୱର ୧୨୫ ଜଣ, ମୟୂରଭଞ୍ଜ ୧୧୯ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କୁ ପରିବାର ସହ ପୁନଃମିଳନ କରାଇବା ସହ ଆବଶ୍ୟକ ସୁବିଧା ସୁଯୋଗ ନିଶ୍ଚିତ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ଅଟେ। ଜିଲ୍ଲା ପୋଲିସ, ରେଳବାଇ ପୋଲିସ ଓ ସହରାଞ୍ଚଳ ପୋଲିସର ସମନ୍ୱିତ ଓ ସକ୍ରିୟ କାର୍ଯ୍ୟଦକ୍ଷତା ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି ।ଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ସମସ୍ତ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି।

## ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି , କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା , କଞ୍ଚା ,ଲଙ୍କା , ଲୁଣ ,ଚିନି , ଲେମ୍ବୁ ରସ , ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ , ଅଦା , କଞ୍ଚା ଲଙ୍କା, ଲୁଣ ଚିନି , ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ , ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦୋ ନାନା , କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।



### ଖବର

# ରିଚ୍ଚର୍ଡସ-ମସାବା ଘନିଷ୍ଠତା ସମ୍ପର୍କରେ କହିଲେ ନୀନା





ବଲିଉଡ୍ ଓ କ୍ରିକେଟ୍ ଦୁନିଆର ସେଲିବ୍ରିଟଙ୍କ ମଧ୍ୟରେ ସମ୍ପର୍କ ବହୁ ପୁରୁଣା। ଅନେକ କ୍ରିକେଟର୍ମାନେ ବଲିଉଡ୍ ଅଭିନେତ୍ରୀଙ୍କୁ ନିଜ ଜୀବନସାଥି କରିଛନ୍ତି। ଏହାର କିନ୍ତୁ ଏକ ବଡ଼ ବ୍ୟତିକ୍ରମ ହେଉଛନ୍ତି ମହାନ କ୍ରିକେଟର୍ ସାର ଭିଭିଆନ୍ ରିଚ୍ଚର୍ଡସ ଓ ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା। ଉଭୟଙ୍କ ପ୍ରେମ ସମ୍ପର୍କ ଆଗକୁ ବଢ଼ିପାରିନଥିଲା। ଜୀବନସାରା ଉଭୟ ଅଲଗା ରହିଛନ୍ତି। ବିଚ୍ଛେଦ ପୂର୍ବରୁ କିନ୍ତୁ ସେମାନେ କନ୍ୟା ସନ୍ତାନ ମାସାବାକୁ ପାଇଥିଲେ। ମାସାବାଙ୍କୁ ନୀନା ନିଜ ହେପାବାଜତରେ ପାଳି ବଡ଼ କରିଥିଲେ।ମାସାବା ବଡ଼ ହେବା ପରେ କିନ୍ତୁ ପିତା ଭିଭିଆନ୍ ରିଚ୍ଚର୍ଡସଙ୍କ ସହ ସମ୍ପର୍କ ରଖି ଆସିଛନ୍ତି। ଅନେକ ସମୟରେ ଏହି ବାପ-ଝିଅଙ୍କ ଘନିଷ୍ଠତାକୁ ନେଇ ଚର୍ଚ୍ଚା ହୋଇଥାଏ। ନିକଟରେ ଏକ ସାକ୍ଷାତକାରରେ ରିଚ୍ଚର୍ଡସ-ମାସାବାଙ୍କ ଘନିଷ୍ଠତାକୁ ନେଇ ନୀନା ମୁହଁ ଖୋଲିଛନ୍ତି। ବାପ-ଝିଅଙ୍କ ଘନିଷ୍ଠତାକୁ ନେଇ ସେ ଖୁସି ଅଛନ୍ତି। ''ଉଭୟ ଅନେକ ସମୟରେ ଯୋଗାଯୋଗରେ ରୁହନ୍ତି, ପରସ୍ପର ସହିତ ଯୋଡ଼ି ହୋଇରହିବାରେ ବି ଅସହଜ ଅନୁଭବ କରିନଥାନ୍ତି। ବାପ-ଝିଅଙ୍କ ସମ୍ପର୍କରେ ସେଭଳି କିଛି ଦ୍ୱନ୍ଦ୍ୱ ନାହିଁ, ପରସ୍ପରକୁ ଭଲ ପାଇଥାନ୍ତି ଗୋଟିଏ ପରିବାର ଭଳି'' ବୋଲି କହିଛନ୍ତି ନୀନା। ମାସାବାଙ୍କ ବାଲ୍ୟଜୀବନରେ ରିଚ୍ଚର୍ଡସ ସାଥିରେ ନଥିଲେ ବି ଏବେ ପରସ୍ପର ପାଇଁ ଭଲ କାମ କରିପାରୁଛନ୍ତି। ଏହା ମଧ୍ୟ ଫାଇଦା ଦେଉଛି ବୋଲି ନୀନା କହିଛନ୍ତି। ''ରିଚ୍ଚର୍ଡସ ଜଣେ ସାମାଜିକ ବ୍ୟକ୍ତି ନୁହଁନ୍ତି, ସବୁବେଳେ ନିଜ ଦୁନିଆରେ ବିଚରଣ କରନ୍ତି। ମାସାବା କିନ୍ତୁ ସାମାଜିକ ଓ ସାଧାରଣ ଚଳଣୀରେ ରୁହନ୍ତି, ଠିକ ମୋ ଭଳି। ଉଭୟଙ୍କ ସମ୍ପର୍କ ଭଲ ନରହିବାର କିଛି କାରଣ ନାହିଁ'' ବୋଲି କହିଛନ୍ତି ନୀନା।କ୍ରିକେଟ୍ ପଡ଼ିଆରୁ ଆରମ୍ଭ ହୋଇଥିବା ପ୍ରେମ ପରେ ୧୯୮୮ ମସିହା ନଭେମ୍ବର ମାସରେ ରିଚ୍ଚର୍ଡସ ଓ ନୀନା ଅଲଗା ହୋଇଯାଇଥିଲେ। ସେବେଠାରୁ ନିଜ ନିଜ ଜୀବନକୁ ଅଲଗା ନିଭାଇଛନ୍ତି। ଅଲଗା ବିବାହ ବି କରିଥିଲେ। ମାରିଆମ୍‌ଙ୍କୁ ଭିଭିଆନ ବିବାହ କରିଥିବାବେଳେ ମାସାବାଙ୍କୁ ବଡ଼ କରିବା ପରେ ନୀନା ୨୦୦୮ରେ ଚ୍ଚର୍ଟାର୍ଡ ଆକାଉଣ୍ଟାଣ୍ଟ□ ବିବେକ ମିଶ୍ରାଙ୍କୁ ବିବାହ କରିଥିଲେ। ଭାରତରେ ଜଣେ ପ୍ରତିଷ୍ଠିତ ଫ୍ୟାସନ୍ ଡିଜାଇନର୍ ଭାବେ ନାମ କମାଇଥିବା ମାସାବା ଇତିମଧ୍ୟରେ ଦ୍ୱିତୀୟ ବିବାହ କରିସାରିଛନ୍ତି।

# ଉପହାରରେ ଦିଅନ୍ତୁ ନାହିଁ ପାଣି ପାତ୍ର



ଜଳ ମୁଖ୍ୟତଃ କେଉଁ ଗ୍ରହ ସହ ଜଡ଼ିତ ଓ ଜୀବନରେ ଏହାର ପ୍ରଭାବ କ'ଣ, ତାହା ହୁଏତ ସଭିଁଙ୍କୁ ଜାଣାନଥାଏ। ତେବେ ଆସନ୍ତୁ ଜାଣିବା ଜଳ ସହ ଗ୍ରହର କ'ଣ ରହିଛି ସମ୍ବନ୍ଧ।

ଜଳର ମୁଖ୍ୟତଃ ଚନ୍ଦ୍ରମା ଓ ଶୁକ୍ର ଗ୍ରହଙ୍କ ସହ ସମ୍ବନ୍ଧ ରହିଛି। କିଛି ମାତ୍ରାର ଏହାର ସମ୍ବନ୍ଧ ମଙ୍ଗଳ ଗ୍ରହଙ୍କ ସହ ମଧ୍ୟ ରହିଛି। ଜଳର ସଠିକ ପ୍ରୟୋଗ କରିବା ଦ୍ୱାରା ଜାତକରେ ଶୁକ୍ର ଓ ଚନ୍ଦ୍ରମାଙ୍କ ସ୍ଥିତି ଉତ୍ତମ ରହିଥାଏ।

ଶୁକ୍ରଙ୍କ ସ୍ଥିତି ମଜଭୂତ କରିବା ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ - ପ୍ରତିଦିନ ୨ଥର ସ୍ନାନ କରନ୍ତୁ।

ସ୍ନାନ ଜଳରେ କିଛି ମାତ୍ରାରେ ଗୋଲାପ ଜଳ ମିଶାନ୍ତୁ।

କାଚ ଗ୍ଲାସରେ ନିୟମିତ ଜଳ ପିଅନ୍ତୁ।

ପାଣି ପାତ୍ର ଉପହାରରେ ଦିଅନ୍ତୁ ନାହିଁ।

ଚନ୍ଦ୍ରମାଙ୍କ ସ୍ଥିତି ସୁଦୃଢ ଓ ମାନସିକ ଶାନ୍ତି ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ -

ଘରର ବଗିଚାରେ ବହୁ ପ୍ରକାରର ଫୁଲର ବୃକ୍ଷ ଲଗାନ୍ତୁ ଓ ନିୟମିତ ସେଥିରେ ଜଳ ଅର୍ପଣ କରନ୍ତୁ।

ବର୍ଷାର ଜଳ ଏକ କାଚ ପାତ୍ରରେ ନେଇ କିଛି ସମୟ ଯାଏଁ ନିଜ ଶୟନ କକ୍ଷରେ ରଖନ୍ତୁ।

ଚନ୍ଦ୍ରମାଙ୍କ ସ୍ଥିତି ମଜଭୂତ କରିବା ପାଇଁ ସ୍ନାନ କରିବା ସମୟରେ ପ୍ରଥମେ ନାଭିରେ ଜଳ ପକାଇ ସ୍ନାନ କରନ୍ତୁ।

# ଘର କିମ୍ବା ଅଫିସ୍‌ରେ କିପରି ରଖିବେ ମାଛ ଆକ୍ୱାରିୟମ

ଘର କିମ୍ବା ଅଫିସରେ ଏପରି ରଖନ୍ତୁ ମାଛ ଆକ୍ୱାରିୟମ୍ ଘରେ କିମ୍ବା ଅଫିସରେ ମାଛ ଆକ୍ୱାରିୟମ୍ ରଖିବା ସମୟରେ କିଛି କଥା ପ୍ରତି ଧ୍ୟାନ ରଖିବା ଉଚିତ। ଏହାକୁ ଯଦି ଠିକ୍ ସ୍ଥାନ ଏବଂ ଦିଗରେ ରଖାଯିବ ତେବେ ଏହା ପରିବାର ଲୋକଙ୍କ ଖୁସିର କାରଣ ହୋଇପାରେ। ଆକ୍ୱାରିୟମ୍ ଭିତରେ ବୋହୁଥିବା ପାଣିର ଶବ୍ଦ ଘରେ ସକରାତ୍ମକ ଶକ୍ତିର ପ୍ରବାହ ଏବଂ ଖୁସିକୁ ମଧ୍ୟ ବଢ଼ାଇଥାଏ।

ଆକ୍ୱାରିୟମକୁ ପୂର୍ବ,ଉତ୍ତର ଏବଂ ପୂର୍ବ-ଉତ୍ତର ଦିଗରେ ରଖିବା ଶୁଭ ହୋଇଥାଏ। ଘରର ଉତ୍ତର ଭାଗ କ୍ୟାରିୟରର ପ୍ରତିନିଧିତ୍ୱ କରିଥାଏ ଏବଂ ପୂର୍ବ ଭାଗ ସୁଖକୁ ଦର୍ଶାଇଥାଏ।



ଦାମ୍ପତ୍ୟ ଜୀବନରେ ପାରସ୍ପରିକ ପ୍ରେମ ବଜାୟ ରଖିବା ପାଇଁ ଏହାକୁ ମୁଖ୍ୟ ଦ୍ୱାରର ବାମ ପାର୍ଶ୍ୱରେ ରଖିବା ଉଚିତ। ତେଣୁ ଏହାକୁ ଡାହାଣ ପାର୍ଶ୍ୱରେ ରଖିବା ଦ୍ୱାରା ଘରର ପୁରୁଷଙ୍କ ମନ ଚଞ୍ଚଳ ହୋଇଥାଏ।

ମାଛ ଆକ୍ୱରିୟମକୁ ରୋଷେଇ ଘର କିମ୍ବା ବେଡରୁମରେ ରଖିବା ଅନୁଚିତ। ଏହି ସ୍ଥାନରେ ଆକ୍ୱରିୟମ୍ ରଖିବା ଦ୍ୱାରା ନାକାରାତ୍ମକ ଶକ୍ତି ବ୍ୟାପିଥାଏ।

ଆକ୍ୱାରିୟମ୍ ଭିତରେ ସମସ୍ତ ୫ଟି ତତ୍ତ୍ୱ ସନ୍ତୁଳନ ସହ ରହିଛି। ଯେତେବେଳେ ଏହି ୫ଟି ତତ୍ତ୍ୱ ପରସ୍ପର ସହ ମିଶିଥାଏ ତେବେ ଏହି ଶକ୍ତିକୁ ପ୍ରବାହିତ କରିଥାଏ।

ଆକ୍ୱାରିୟମ୍ ଭିତରେ ଏକ କଳା ମାଛ ଏବଂ ୮-୯ଟି ନାରଙ୍ଗୀ ମାଛ ରହିବା ଉଚିତ।

ଆକ୍ୱାରିୟମର କୌଣସି ମାଛ ମରିଯାଇଥିଲେ ଏହାକୁ ଶୀଘ୍ର ହଟାଇ ତାହା ସ୍ଥାନରେ ନୂଆ ମାଛକୁ ଫିଶ ଟ୍ୟାଙ୍କରେ ପକାନ୍ତୁ।


# ଖୁବ ସ୍ୱତନ୍ତ୍ର ବାବା ଝାଡେଶ୍ୱରଙ୍କ ମହିମା, ଜାଣନ୍ତୁ ଏହାର ଇତିହାସ



ବାବା ଝାଡେଶ୍ୱର । ଦେବଗଡ ସହରବାସୀଙ୍କ ଆରାଧ୍ୟ ଠାକୁର ।ଇତିହାସରୁ ମିଳିଥିବା ତଥ୍ୟ ଅନୁସାରେ ବାମଣ୍ଡାର ଦଶମ ରାଜା ରାମଚନ୍ଦ୍ର ଦେବ ଏକଦା ଶିକାର ଉଦ୍ଦେଶ୍ୟରେ ଆମ୍ବୁଲପାଣି ଜଙ୍ଗଲକୁ ଯାଇଥିଲେ । ଶିକାର କରିବା ଉଦ୍ଦେଶ୍ୟରେ ବୁଲିଲା ବେଳେ ଦେଖିଲେ ଗୋଟିଏ ମାଳତୀଲତା ମୂଳରେ ଧବଳ ଡିମ୍ବାକୃତି ଶିଳାର ମସ୍ତକରେ ଏକ ନାଗସାପ ଫେଣା ଟେକି ରହିଛି । ସାପକୁ ରାଜା ବନ୍ଧୁକ ଉଠାଇ ଗୁଳି କରିଥିଲେ ।କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହୋଇ ଗୁଳି ପଥରରେ ବାଜିବାରୁ ବୋହି ଚାଲିଲା ରକ୍ତଧାର । ଏହା ଦେଖି ରାଜା ଭୟଭୀତ ହୋଇପଡିଲେ। ଜାଣିଲେ ରକ୍ତ ବୋହୁଥିବା ପଥର ହିଁ ଶିବଲିଙ୍ଗ ।ସାଷ୍ଟାଙ୍ଗ ପ୍ରଣିପାତ ହେଲେ । ଦୋଷ ମାର୍ଜନା କରିବାକୁ ମହାଦେବଙ୍କୁ ପ୍ରାର୍ଥନା କଲେ। ଝାଡ଼ ମଧ୍ୟରୁ ଆର୍ବିଭାବ ହୋଇଥିବାରୁ ଝାଡେଶ୍ୱର ବାବା ନାମରେ ଝାଡ ମଧ୍ୟରେ ପୂଜାପାଇ ଆସୁଥିଲେ ମହାଦେବ ।ବାମଣ୍ଡାର ୨୪ତମ ରାଜା ବାଲୁଙ୍କା ବୃଷଭ ଦେବଙ୍କ ୫ ପୁତ୍ର ମଧ୍ୟରୁ ଦେବଦୁଲ୍ଲଭ ଦେବ ବାବା ଝାଡେଶ୍ୱରଙ୍କ ପାଇଁ ୧୮୫୪ରେ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଯାହା ଆଜି ମଧ୍ୟ ବିଦ୍ୟମାନ । ସମୟ କ୍ରମେ ମନ୍ଦିରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । ବାବାଙ୍କ ମୁଖ୍ୟପର୍ବ ଶିବରାତ୍ରୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଧବଳେଶ୍ୱର ପୂଜା । ପ୍ରତିଦିନ ପ୍ରତ୍ୟୁଷରେ ମନ୍ଦିର ଖୋଲାଯାଇ ନୀତିକାନ୍ତି ସରିବା ପରେ ସକାଳ ସାଢେ ୬ଟାରେ ଭକ୍ତମାନେ ବାବାଙ୍କୁ ଦର୍ଶନ ପାଇଁ ସୁଯୋଗ ପାଇଥାନ୍ତି ।ଭକ୍ତଙ୍କ ମନସ୍କାମନା ବାବା ପୂର୍ଣ୍ଣ କରୁଥିବା ଭକ୍ତଙ୍କ ରହିଛି ବିଶ୍ୱାସ । ଏହି ଏତିହ୍ୟ ଭରା ଦେବଦୁର୍ଗ ଝାଡେଶ୍ୱର ବାବାଙ୍କ ନିକଟରେ ପହଞ୍ଚିବାକୁ ହେଲେ ଦେବଗଡ ସହର ଠାରୁ ୪ କିଲୋମିଟର ଯିବାକୁ ପଡିବ । ଟ୍ରେନରେ ଆସିଲେ ସମ୍ବଲପୁରରୁ ୯୦ କିଲୋମିଟର, ଝାରସୁଗୁଡ଼ାରୁ ୧୦୦ କିଲୋମିଟର ଓ ରାଉରକେଲାରୁ ୧୩୦ କିଲୋମିଟର ଦୂରରେ ରହିଛି ବାବାଙ୍କ ପୀଠ।

# ବାବା ପଞ୍ଚାନନଙ୍କ ମାହାତ୍ମ୍ୟ ଅପାର, ଭକ୍ତର ସବୁ ମାନସିକ ପୂରଣ କରନ୍ତି ବାବା

ଋଷିକୁଲ୍ୟା ନଦୀତଟରେ ପୂଜା ପାଉଛନ୍ତି ବାବା ପଞ୍ଚାନନ । ଗଞ୍ଜାମ ଜିଲ୍ଲା ସୋରଡ଼ାରେ ବସତି ସ୍ଥାପନ ପୂର୍ବରୁ ବାବା ପଞ୍ଚାନନ ପୂଜା ପାଇଆସୁଛନ୍ତି । ୫ଟି ବାଲୁକାରେ ସ୍ଥାପିତ ଲିଙ୍ଗ ମନ୍ଦିରର ଭର୍ଗଗୃହରେ



ଶୋଭାପାଉଛନ୍ତି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଋଷିକୁଲ୍ୟା ନଦୀତଟ ଦେଇ ଦଣ୍ଡକାରଣ୍ୟ ଯାଇଥିଲେ। ଏହି ପବିତ୍ର ପଞ୍ଚାନନ ପୀଠ ଠାରୁ ଆରମ୍ଭ ହୋଇଛି ଦଣ୍ଡକାରଣ୍ୟ । ଋଷି କର୍ଦ୍ଦମ ଓ ଦେବହୂତିଙ୍କ ଅପାର କୃପାରୁ ଋଷିମାଳ ପର୍ବତରୁ ସୃଷ୍ଟ ଋଷିକୁଲ୍ୟା ନଦୀରୁ ବାଲୁକା ଆଣି ଲିଙ୍ଗ ସ୍ଥାପନ କରି ପ୍ରତିଷ୍ଠା କରିଥିଲେ ଯପ୍ରଭୁ ଶ୍ରୀରାମଙ୍କ ପୂଜା ଆରାଧନାରେ ସନ୍ତୁଷ୍ଟ ହୋଇ ପ୍ରଭୁ ଶିବଶଙ୍କର ଓ ମାତା ପାର୍ବତୀ ଆର୍ବିଭିତ ହୋଇଥିଲେ । ଏହି ସ୍ଥାନରେ ପ୍ରଭୁ ରାମଚନ୍ଦ୍ର, ମାତା ଜାନକୀ, ପ୍ରଭୁ ଆଶୁତୋଷ ଓ ମାତା ପାର୍ବତୀଙ୍କ ମହା ମିଳନ ହୋଇଥିଲା ।କାଳକ୍ରମେ ଏହି ପୀଠ ନଦୀବାଲିରେ ପୋତି ହୋଇଯାଇଥିଲା। ନଳବଂଶ ରାଜା ନରେନ୍ଦ୍ର ଧବଳଙ୍କୁ ସ୍ୱପ୍ନାଦେଶ ହେବାରୁ ୯୩୫ ଖ୍ରୀଷ୍ଟାବ୍ଦରୁ ୯୬୨ ମଧ୍ୟରେ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଅବଧୂତ ରୁଷିଙ୍କ ପ୍ରଚେଷ୍ଟାରେ ସେହି ୫ଲିଙ୍ଗଙ୍କୁ ଉଦ୍ଧାର କରାଯାଇ ମନ୍ଦିର ସ୍ଥାପନ କରାଯାଇଥିଲା ।ପରେ ଜନବସତି ଗଢି ଉଠିବାରୁ ଠାକୁରଙ୍କ ମହିମା ଦିନକୁ ଦିନ ବଢି ଚାଲିଲା। ପଞ୍ଚାନନ ପୀଠରେ ସବୁ ସମୟରେ ଭକ୍ତଙ୍କ ଗହଳି ଲାଗିରହୁଥିଲେ ମଧ୍ୟ ଜାଗରରେ ହଜାର ହଜାର ଭକ୍ତ ଦୀପ ଜାଳି ଉଜାଗର ରହିଥାନ୍ତି । ଶ୍ରାବଣରେ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି । କାର୍ତ୍ତିକ ସୋମବାର, ବୈଶାଖ ଓ ମାଘରେ ମଧ୍ୟ ଭକ୍ତଙ୍କ ଭିଡ଼ ଜମିଥାଏ । ମନ୍ଦିର ପରିସର ଅତି ସୁନ୍ଦର ।ଭକ୍ତଙ୍କ ପାଇଁ କଲ୍ୟାଣୀ ମଣ୍ଡପ, ସ୍ୱତନ୍ତ୍ର ଗୃହ, ପାନୀୟ ଜଳ, ଶୌଚଳୟ, ରୋଷେଇ ଗୃହ ପ୍ରଭୃତି ରହିଛି ।ଏହି ପୀଠକୁ ଆସିବାକୁ ହେଲେ ବ୍ରହ୍ମପୁର ଠାରୁ ୭୫ କିଲୋମିଟର ଆସିକା ଦେଇ ସୋରଡା ଆସିବାକୁ ପଡିବ । ସୋରଡା ଠାରୁ ମାତ୍ର ଏକ କିଲୋମିଟର ଓ ଭଞ୍ଜନଗର ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି ଏହି ପ୍ରାଚୀନ ପୀଠ। ଏହି ଶୈବ ପୀଠର ମହାତ୍ମ୍ୟ ଅପାର ଯ ପ୍ରତ୍ୟକ ସମୟରେ ଭକ୍ତଙ୍କ ଦୁଖ ଶୁଣିଥାନ୍ତି ବାବା ପଞ୍ଚାନନ । ବାବାଙ୍କ ମହିମା ଯୋଗୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତ ଆସିଥାନ୍ତି ଏଠାକୁ । ପ୍ରତେକ ମୁହୂତର୍ତ୍ତରେ ପ୍ରଭୁ ଡାକ ଶୁଣନ୍ତି ଭକ୍ତମାନଙ୍କର । ଯାହାର ଅନେକ ଉଦାହରଣ ରହିଛି । ବହୁ ଭକ୍ତ ଏଠାକୁ ଆସି ଠାକୁରଙ୍କ ପାଖରେ ଅଧିଆ ମଧ୍ୟ ପଡ଼ିଥାନ୍ତି । ବାବାଙ୍କ ମହିମା ଏତେ ଅପାର ଯେ ବହୁ ଭକ୍ତ ଠାକୁରଙ୍କ ପାଖରେ ଆସି ମାନସିକ କରିଥାନ୍ତି ଆଉ ସମସ୍ତଙ୍କ ମାନସିକ ପୂରଣ ମଧ୍ୟ ହୁଏ ।

# କଷ୍ଟମାଇଜଡ୍ ସାଲାରୀ ଆକାଉଣ୍ଟ ପାଇଁ ବୁଝାମଣା



ଭୁବନେଶ୍ୱର,୪।୨ (ମହାଭାରତ): ଓଡିଶା ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ୍ (ଓଏଚପିସି) ପକ୍ଷରୁ ଶନିବାର ଲୋକସେବା ଭବନରେ ଓଏଚପିସିର କର୍ମଚାରୀମାନଙ୍କ ପାଇଁ କଷ୍ଟମାଇଜଡ୍ ୟୁନିଅନ୍ ସୁପର ସାଲାରୀ ଆକାଉଂଟ୍ ପାଇଁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଉପ-ମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ ଏବଂ ଶକ୍ତି କନକ ବର୍ଦ୍ଧନ ସିଂ ଦେଓଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ, ବିଶାଳ କୁମାର ଦେବ, ଆଇଏଏସ୍, ପ୍ରମୁଖ ସଚିବ, ଶକ୍ତି ବିଭାଗ, ଓଡ଼ିଶା ସରକାର ଏବଂ ସିଏମଡି, ଓଏଚପିସି, ସାଇଦତ ବିପ୍ଳବ କେଶରୀ ପ୍ରଧାନ, ଓଏଏସ୍ (ଏସଏଜି), ଅତିରିକ୍ତ ସଚିବ, ଶକ୍ତି ବିଭାଗ, ଓଡ଼ିଶା ସରକାର, ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ଅର୍ଥ), ଓଏଚପିସି, ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ପଦ), ଓଏଚପିସି, ଅମୀୟ କୁମାର ମହାନ୍ତି, ନିର୍ଦ୍ଦେଶକ (ଅପରେସନ), ଓଏଚପିସି, ହରେକୃଷ୍ଣ ଦାସ, ମହାପ୍ରବନ୍ଧକ ଏବଂ ଜୋନାଲ ମୁଖ୍ୟ, ୟୁବିଆଇ ଏବଂ ଓଏଚପିସି ଓ ୟୁବିଆଇ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଏଚପିସି ପକ୍ଷରୁ ବରିଷ୍ଠ ମହାପ୍ରବନ୍ଧକ (ଅର୍ଥ) ଗଗନ ବିହାରୀ ମହାରଣା ଏବଂ ୟୁବିଆଇ ର ପ୍ରତିନିଧିତ୍ୱ କରୁଥିବା ଉପ ମହାପ୍ରବନ୍ଧକ ଏନ. ବାରିକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

ବୁଝାମଣାପତ୍ର ଅନୁଯାୟୀ, ପ୍ରତ୍ୟେକ ଓଏଚପିସି କର୍ମଚାରୀ ୧.୨୦ କୋଟି ଟଙ୍କାର ବ୍ୟକ୍ତିଗତ ଦୁର୍ଘଟଣା ବୀମା ଏବଂ ୨୦ ଲକ୍ଷ ଟଙ୍କାର ଅତିରିକ୍ତ ଟର୍ମ ଜୀବନ ବୀମା ପାଇବେ। ଏଥିରେ ୩୦୦୦୦ ଟଙ୍କାର ବାର୍ଷିକ ହସ୍ପିଟାଲ ନଗଦ ଲାଭ ମଧ୍ୟ ଅନ୍ତର୍ଭୁକ୍ତ। କର୍ମଚାରୀମାନଙ୍କୁ ସେମାନଙ୍କର ଶୂନ୍ୟ ବାଲାନ୍ସ ସଞ୍ଚୟ ବ୍ୟାଙ୍କ (ଝଇ) ଆକାଉଣ୍ଟରେ ଏକ ଜଙ୍କଚକ୍ଚ ସିଲେକ୍ଟ ଡେବିଟ୍ କାର୍ଡ ପ୍ରଦାନ କରାଯିବ, ଯାହା ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଦୁର୍ଘଟଣା ବୀମା କଭରେଜ୍ ସହିତ ଆସିଥାଏ। ଏଥିରେ ମାଗଣା ବିମାନବନ୍ଦର ଲାଉଞ୍ଜ ସୁବିଧା, ତ୍ରୈମାସିକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ମାଗଣା କାରବାର ସମେତ କୌଣସି ଅତିରିକ୍ତ ମୂଲ୍ୟ ବିନା ୭୫୦୦୦ ଟଙ୍କାର ବାର୍ଷିକ ଜୀବନଶୈଳୀ ଲାଭ ମଧ୍ୟ ଉପଲବ୍ଧ। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ପ୍ରମୁଖ ସଚିବ ଶ୍ରୀ ବିଶାଳ କୁମାର ଦେବ, ଆଇଏଏସ୍, କର୍ମଚାରୀଙ୍କ କଲ୍ୟାଣ ପାଇଁ ବ୍ୟାଙ୍କ ସହିତ ମିଶି ଓଏଚପିସି ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

# ସଂସ୍କୃତି ଓ ବିକାଶ ପରସ୍ପର ପରିପୂରକ

ଭୁବନେଶ୍ୱର,୪।୨ (ମହାଭାରତ): ସଂସ୍କୃତି ଓ ବିକାଶ ପରସ୍ପର ବିରୋଧୀ ନୁହନ୍ତି ବରଂ ପରସ୍ପର ପରିପୂରକ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି । ଶୁକ୍ରବାର ଦିନ ମୟୁରଭଞ୍ଜ ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ରାଜଧାନୀ ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପଠାରେ ଆୟୋଜିତ ତିନିଦିନିଆ। ମୟୁରଭଞ୍ଜ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି।

ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ମୟୂରଭଞ୍ଜ ଉତ୍ସବ ଭଳି ଉତ୍ସବଗୁଡ଼ିକ ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ସୁଦୃଢ଼ ସେତୁ ଭାବରେ କାର୍ଯ୍ୟ କରିଥାଏ। ଏହା ସାଂସ୍କୃତିକ ମୂଳକୁ ଜୀବନ୍ତ ରଖିବା ସହିତ ସନ୍ତୁଳିତ ଓ ସମାବେଶୀ ବିକାଶକୁ ପ୍ରୋତ୍ସାହନ ଦେଇଥାଏ। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ପରମ୍ପରାଠାରୁ ଅଧିକ ଦ୍ରୁତଗତିରେ ଆଗକୁ ବଢ଼ୁଛି, ଏଭଳି ସାଂସ୍କୃତିକ ମଞ୍ଚଗୁଡ଼ିକ ଆହୁରି ଅଧିକ ଆବଶ୍ୟକ ହୋଇପଡ଼ୁଛି। ଏହା ଆମକୁ ମନେପକାଇ ଦେଇ ଥାଏ ଯେ ଆମେ କିଏ, ଆମେ କେଉଁଠାରୁ ଆସିଛୁ ଏବଂ ଆଗକୁ ବଢ଼ିବା ସମୟରେ କେଉଁ ମୂଲ୍ୟବୋଧଗୁଡ଼ିକ ଆମକୁ ପଥ ପ୍ରଦର୍ଶନ କରିବ। ସେ ସମ୍ପର୍କରେ ରାଜ୍ୟପାଳ ଅବତାରଣା କରିଥିଲେ। ଏହି ଉତ୍ସବକୁ ବିବିଧତାରେ ଏକତା, ପରମ୍ପରାରେ ଶକ୍ତି ଏବଂ ଐତିହ୍ୟର ନିରନ୍ତରତାର ଉତ୍ସବ ଭାବରେ ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ମୟୂରଭଞ୍ଜର ଜୀବନ୍ତ ଆଦିବାସୀ ସଂସ୍କୃତି, ବିଶେଷକରି ସାନ୍ତାଳ ଓ ହୋ ସମ୍ପ୍ରଦାୟର ସଂସ୍କୃତି, ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମୟୂରଭଞ୍ଜ ଛଉ ନୃତ୍ୟ, ସମୃଦ୍ଧ ହସ୍ତଶିଳ୍ପ, ଅନନ୍ୟ ଖାଦ୍ୟ ଏବଂ ବାରିପଦା ରଥଯାତ୍ରା ଭଳି ସମାବେଶୀ ପରମ୍ପରା ବିଷୟରେ ମଧ୍ୟ ରାଜ୍ୟପାଳ ଅବତାରଣା କରିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ମୟୂରଭଞ୍ଜ ଜାତୀୟସ୍ତରର ନେତୃତ୍ୱ ସୃଷ୍ଟି କରିଛି ।ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଜୀବନ ଯାତ୍ରା ଦେଶବ୍ୟାପୀ ଲୋକଙ୍କୁ ପ୍ରେରଣା ଯୋଗାଉଛି ।ମୟୂରଭଞ୍ଜର ସଂସ୍କୃତିକୁ ଉତ୍ସବରେ ପାଳନ କରି ଓଡ଼ିଶା ତାହାର ମୂଲ୍ୟବୋଧକୁ ପ୍ରାଦେଶିକ ସୀମା ବାହାରେ ବ୍ୟାପ୍ତ କରୁଛି ଏବଂ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଉଛି ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମାନ୍ୟବର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମାନ୍ୟବର ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ। ସ୍ୱାଗତ ଭାଷଣ ଦେଇଥିଲେ।

# ଓଡ଼ିଶାରେ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ



ଭୁବନେଶ୍ୱର,୪।୨ (ମହାଭାରତ): ତେଲଙ୍ଗାନା ହାଇଦ୍ରାବାଦରୁ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଛି। ଆଜି ଏହି ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିଦର୍ଶନ କରିଛି। ସେଠାରେ ପ୍ରତିନିଧି ଦଳର ସଦସ୍ୟମାନେ ପିଆଇବି ଏବଂ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ମତବିନିମୟ କରିଛନ୍ତି। ଏଡିଜି ଶ୍ରୀ ମିଶ୍ର ସେମାନଙ୍କୁ ଓଡ଼ିଶାରେ ଗଣମାଧ୍ୟମର ସ୍ଥିତି ଏବଂ ପିଆଇବି ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ପକ୍ଷରୁ କରାଯାଉଥିବା ବିଭିନ୍ନ କ୍ଷେତ୍ରୀୟ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ପିଆଇବି ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ, ମହେନ୍ଦ୍ର ପ୍ରସାଦ ଜେନା, ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ କେନ୍ଦ୍ର ସରକାରଙ୍କ ଅଧୀନରେ ଓଡ଼ିଶାରେ କାର୍ଯ୍ୟ କରୁଥିବା ବିଭିନ୍ନ ଗଣମାଧ୍ୟମ ପ୍ରତିଷ୍ଠାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ଏହି ଗସ୍ତ ଅବସରରେ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ ଭୁବନେଶ୍ୱର ସ୍ଥିତ ସିଏସଆଇଆର-ଆଇଆଇଏମଟି ପରିସରରେ ବୈଜ୍ଞାନିକଙ୍କ ସହ ମତବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ ସେମାନେ ଭୁବନେଶ୍ୱରର କଳାଭୂମି-ହସ୍ତଶିଳ୍ପ ସଂଗ୍ରହାଳୟ, ଆଦିବାସୀ ସଂଗ୍ରହାଳୟ, ଆଇସିଏଆର ସିଫା ମଧ୍ୟ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେମାନେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବେ।

# ଚନ୍ଦ୍ରକ୍ଷନନ୍ଦ ଚମ୍ପୂର ବିଶ୍ଳେଷଣ ପୁସ୍ତକ ଓ ସିଡ଼ି ଉନ୍ମୋଚିତ



ଭୁବନେଶ୍ୱର,୪।୨ (ମହାଭାରତ): ଓଡ଼ିଆ ସାରସ୍ୱତ ପ୍ରେମୀ ତଥା ଯୁବ ଗବେଷକ, ସାହିତ୍ୟିକ, ଅନୁବାଦକ ତଥା ଗୀତ, ବାଦ୍ୟ, ନୃତ୍ୟ ପ୍ରତି ସମର୍ପିତ ସଂଗୀତ ସାଧକ ସୌମ୍ୟ ବିଶ୍ୱଜିତଙ୍କ ନିଜସ୍ୱ ପ୍ରଚେଷ୍ଟାରେ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ କବିରବି ରାୟଗୁରୁ ମହାପାତ୍ର ବଳଦେବଙ୍କ ଶ୍ରେଷ୍ଠକୃତି ଓ ସୃଷ୍ଟି କିଶୋର ଚନ୍ଦ୍ରାନନ୍ଦ ଚମ୍ପୁର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବଳଦେବ କୃତ କିଶୋର ଚନ୍ଦ୍ରାନନ୍ଦ ଚମ୍ପୁର ୩୪ ଗୋଟି ଗୀତର ଆଲୋଚନା ପର୍ଯ୍ୟାଲୋଚନା ଓ ଗାୟନ କାର୍ଯ୍ୟକ୍ରମକୁ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ତଥା ସାହିତ୍ୟିକ ଡ଼ଃ ଶାନ୍ତନୁ କୁମାର ରଥ, ନୟାଗଡ ବିଧାୟକ ତଥା କବି ଡ଼ଃ ଅରୁଣ କୁମାର ସାହୁ, ଉତ୍କଳ ସଂଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼, ବିଜୟ କୁମାର ଜେନା, ବିଶିଷ୍ଟ ମହିଳା ସମାଜସେବୀ ଲେଖିକା ତଥା ସ୍ତମ୍ଭକାର ଡ଼ଃ ରୀନା ରାଉତରାୟ, ଗୁରୁ ନିମାକାନ୍ତ ରାଉତରାୟ ଶୁଭାରମ୍ଭ କରିଥିଲେ। ନିମାକାନ୍ତ ରାଉତରାୟଙ୍କ ଛାତ୍ରଛାତ୍ରୀ ତଥା କଣ୍ଠଶିଳ୍ପୀ ମାନେ ଶ୍ରୀରାଧା ଓ ଶ୍ରୀ କୃଷ୍ଣଙ୍କ ପ୍ରେମଲୀଳାକୁ ନେଇ ରଚିତ ଚମ୍ପୂର କ ଗୀତ ଠାରୁ କ୍ଷ ପର୍ଯ୍ୟନ୍ତ ଗୀତ ପରିବେଷଣ କରିଥିଲେ। ଗାଇଥିବା ସମସ୍ତ ୩୪ଟି ଚମ୍ପୁ ଗୀତ ପରିବେଷଣ ପୂର୍ବରୁ ଯୁବ ଗବେଷକ, କଣ୍ଠଶିଳ୍ପୀ ସୌମ୍ୟ ବିଶ୍ୱଜିତ ଓଡ଼ିଆ ଚଉପଦୀ ଗୁଡିକର ଇଂରାଜୀ ଭାଷାରେ ସମୀକ୍ଷା କରିଥିଲେ ଦିନ ୧୦ ଟାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ସୌମ୍ୟ ବିଶ୍ୱଜିତ ଅନୁଜା ତାରିଣୀ ମିଶ୍ର, ପ୍ରଭାତ ମିଶ୍ର, ସଂଧ୍ୟାରାଣୀ ରାଉତ ପ୍ରୀତିଜ୍ୟୋସ୍ନା ଦେଓ, ଚନ୍ଦନ ଜେନା ବିଜୟଲକ୍ଷ୍ମୀ ରାଉତରାୟ, ଅମିତ ପଣ୍ଡା, ତେଜସ୍ୱିନୀ ରଥ, ପ୍ରୀତିନନ୍ଦା ପରିଡ଼ା, ସୁଚିସ୍ମିତା ନନ୍ଦ, ଦୀକ୍ଷା ମହାନ୍ତି, ରାଜଲକ୍ଷ୍ମୀ ପାତ୍ର, ସୌମ୍ୟରଂଜନ ଗାହାଣ, ମନସ୍ୱିନୀ ମଲ୍ଲିକ ଆଦି ସଂଗୀତ ପରିବେଷଣ କରିଥିଲେ। ବାଦ୍ୟ ଯନ୍ତ୍ରରେ ଶିଳ୍ପୀ ସୌମ୍ୟ ବିଶ୍ୱଜିତ, ଗୁରୁଶ୍ରୀ ନିମାକାନ୍ତ ରାଉତରାୟ, ଗୁରୁଶ୍ରୀ ମୂରଲୀଧର ସ୍ୱାଇଁ, ଗୁରୁଶ୍ରୀ ବୁଦ୍ଧନାଥ ସ୍ୱାଇଁ,ସୌମ୍ୟକାନ୍ତ ମଲ୍ଲିକ, ସଚ୍ଚିଦାନନ୍ଦ ଦାସ, ଧନେଶ୍ୱର ସ୍ୱାଇଁ, ସୀତାକାନ୍ତ ଜେନା, ବିଜୟ କୁମାର ବାରିକ ଦିବାକର ପରିଡ଼ା,ସୁରମଣି ରମେଶ ଚନ୍ଦ୍ର ଦାସ ଆଦି ପ୍ରସିଦ୍ଧ ଗୁରୁ ଓ ବାଦ୍ୟକାର ମାନେ ସହଯୋଗ କରିଥିଲେ।

# କୋଟିଆର ସମ୍ପୂର୍ଣ୍ଣ ଅଞ୍ଚଳ ଆମ ସହ ରହିବ

ଭୁବନେଶ୍ୱର,୪।୨ (ମହାଭାରତ): କୋଟିଆର ସମ୍ପୂର୍ଣ୍ଣ ଅଞ୍ଚଳ ଆମ ସହ ରହିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସେ କହିଛନ୍ତି ଯେ, କୋଟିଆବାସୀ ଆମ ସାଥିରେ ଅଛନ୍ତି । ଆମେ ଦୃଢ଼ ବିଶ୍ୱାସୀ ଅଛୁ କୋଟିଆ ବାସୀ ଆମ ସହ ରହିବେ । ସେମାନେ ଗଣ୍ଡଗୋଳ କରି ରାଜନୈତିକ ରୁଟି ସେକିବାକୁ ଚେଷ୍ଟା କରୁଛନ୍ତି । କେହି ଡରେଇ ଧମକେଇ ଆମ ଲୋକଙ୍କୁ ନେଇପାରିବେ ନାହିଁ । ଆମକୁ ପଛକୁ ହଟେଇ ପାରିବେ ନାହିଁ । ଡରେଇକି ଆମ ଅଞ୍ଚଳକୁ ମିଶେଇପାରିବେ ନାହିଁ । କୋଟିଆର ସମ୍ପୂର୍ଣ୍ଣ ଅଞ୍ଚଳ ଆମ ସହ ରହିବ ବୋଲି ସେ କହିଛନ୍ତି ।

କୋଟିଆରେ ବେଆଇନ୍ ଅନୁପ୍ରବେଶ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଦୀର୍ଘ ଦିନରୁ ଆନ୍ଧ୍ରପ୍ରଦେଶ ତାର ଏଭଳି ଆଭିମୁଖ୍ୟ ଦେଖାଉଛନ୍ତି. ସୀମା ଅତିକ୍ରମ କରି କୋଟିଆ ଲୋକଙ୍କୁ ପ୍ରଭାବିତ କରୁଛନ୍ତି. ସବୁ ବିଭାଗର ଅଧିକାରୀଙ୍କୁ କହିଛୁ ଲୋକଙ୍କର ଯାହା ଆବଶ୍ୟକ ଅଛି ଦିଆଯିବ. ବାଧ ବାଧକତାରେ ଲୋକଙ୍କୁ ସାହାଯ୍ୟ କରୁଛନ୍ତି ଆନ୍ଧ୍ର । ମାଉସୀ ହୋଇ ସାହାଯ୍ୟ କରୁଛି, ଆମେ ମା' ଭଳି କରୁଛୁ। କୋଟିଆର ବିକାଶ ପାଇଁ ପୂର୍ଣ୍ଣକାଳୀନ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ରୋଡ୍ ମ୍ୟାପ୍ ପ୍ରସ୍ତୁତ ହେଉଛି । ଲୋକ ଓ ସ୍ଥାନୀୟ ପ୍ରଶାସନ ଆନ୍ଧ୍ର ପ୍ରଦେଶର ଉଦ୍ଦେଶ୍ୟକୁ ପଣ୍ଡ କରୁଛନ୍ତି. ଲୋକ ସତର୍କ ଅଛନ୍ତି. ବେଆଇନ ଅନୁପ୍ରବେଶ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ. କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ. କେହି ଅଲଗା କରିପାରିବେନି . ସ୍ୱତନ୍ତ୍ର ପ୍ରଜେକ୍ଟ ଦିଆଯାଉଛି. ପର୍ଯ୍ୟଟନ , ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି .ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରାଯାଉଛି. ଅତୀତରେ ପୂର୍ବ ସରକାର ଠିକ ଯୁକ୍ତି ରଖି ନାହାନ୍ତି ।

# ସ୍ପଷ୍ଟ ଉତ୍ତର ଦେଉନାହାଁନ୍ତି ନିର୍ବାଚନ କମିଶନ

ଭୁବନେଶ୍ୱର,୪।୨ (ମହାଭାରତ): ୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ଅନିୟମିତତାକୁ ନେଇ ବିଜୁ ଜନତା ଦଳ ତରଫରୁ ଦେଶର ନିର୍ବାଚନ କମିସନରଙ୍କୁ ଦୁଇ ଦୁଇ ଥର ଭେଟି ଲିଖିତ ଭାବରେ ପଚରା ଯାଇଥିବା ବିଭିନ୍ନ ଅସମାହିତ ପ୍ରଶ୍ନର ଉତର ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ମିଳିପାରି ନାହିଁ ବୋଲି ବିଜେଡି ତରଫରୁ ପୁଣିଥରେ ଦୋହରା ଯାଇଛି।



ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ଼ ସଂତୃପ୍ତ ମିଶ୍ର ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର ଏହି ଅସମାହିତ ପ୍ରଶ୍ନ ଗୁଡିକ ଉପସ୍ଥାପନ କରି ଦେଶରେ ଏକ ସୁଦୃଢ଼ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଏହି ପ୍ରଶ୍ନ ଗୁଡିକର ଉତ୍ତର ଆସିବାର ଆବଶ୍ୟକ ରହିଛି ବୋଲି କହିଥିଲେ। ଡ଼ ସଂତୃପ୍ତ ମିଶ୍ର କହିଥିଲେ,ନିର୍ବାଚନରେ ପ୍ରତି ବୁଥ୍ରେ ପଡ଼ିଥିବା ଭୋଟ ସଂଖ୍ୟାର ତଥ୍ୟ ଫର୍ମ ୧୭ସିରେ ମିଳିଥାଏ । ଅନେକ ଜାଗାରେ ପଡ଼ିଥିବା ଭୋଟ ଓ ଗଣତି ହୋଇଥିବା ଭୋଟ ମଧ୍ୟରେ ତାରତମ୍ୟ ରହୁଥିବାରୁ ଆମେ ଫର୍ମ ୧୭ସି ପାଇଁ ଆବେଦନ କରିଥିଲୁ, କିନ୍ତୁ ତାହା ପ୍ରଦାନ କରାଗଲା ନାହିଁ । ଦଳ ତରଫରୁ ନିର୍ବାଚନ କମିସନଙ୍କୁ ଲେଖାଯାଇଥିବା ପତ୍ରରେ ଏହାକୁ ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା । କିନ୍ତୁ କିଛି ଆସନରେ ନିର୍ବାଚନ ମାମଲା ଚାଲିଥିବା କାରଣରୁ ଏହା ଦିଆଯାଇ ପାରିବ ନାହିଁ ବୋଲି କମିସନ ଉତ୍ତର ଦେଇଥିଲେ । ସେହିପରି କିଛି ସ୍ଥାନରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା କିପରି ଅଧିକ ଭୋଟ ଗଣତି ହୋଇପାରିଲା, ସେ ସମ୍ବନ୍ଧରେ ମଧ୍ୟ ନିର୍ବାଚନ କମିସନର କୌଣସି ଉତର ରଖିନାହାନ୍ତି । ଡ଼ ମିଶ୍ର କହିଥିଲେ, ସନ୍ଧ୍ୟା ୫ଟା ଭୋଟ ଶେଷ ପାଇଁ ଥିବା ନିର୍ଦ୍ଧାରିତ ସମୟରେ କମିସନଙ୍କ ତରଫରୁ ପ୍ରଦାନ କରାଯାଇଥିବା ଭୋଟ ସଂଖ୍ୟା କିପରି ଭାବେ ଅହେତୁକ ବୃଦ୍ଧି ପାଉଛି ? କାରଣ ଗତ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାର ସମସ୍ତ ୨୧ଟି ସଂସଦୀୟ କ୍ଷେତ୍ରରେ ଓ ୩୮ଟି ବିଧାନସଭା କ୍ଷେତ୍ରରେ ୭ରୁ ୩୦% ଭୋଟ ବୃଦ୍ଧି ପାଇଥିଲା । ନିର୍ବାଚନ କମିସନ ଏହି ପ୍ରଶ୍ନ ସମ୍ବନ୍ଧରେ ସ୍ପଷ୍ଟ କରିନାହାନ୍ତି । ଏହାଛଡା ଇଭିଏମ୍କୁ ନିୟମିତ ବ୍ୟବଧାନରେ ଅଡିଟ୍ କରିବା ପାଇଁ ରାଜନୈତିକ ଦଳ ମାନଙ୍କୁ ସୁଯୋଗ ଦିଆଯାଉ, ଯାହା ଫଳରେ ସ୍ୱଚ୍ଛତା ବୃଦ୍ଧି ପାଇବ । କିନ୍ତୁ ନିର୍ବାଚନ କମିସନ ଏ ସମ୍ବନ୍ଧରେ ମଧ୍ୟ କୌଣସି ଉତ୍ତର ରଖି ନାହାନ୍ତି । ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗତ ନିର୍ବାଚନ ଅନୁଷ୍ଠିତ ହେବାର ୧୯ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ବାଚନ କମିସନ ଫର୍ମ ୧୭ସିକୁ ତାଙ୍କ ୱେବ୍ସାଇଟ୍ରେ ଅପ୍ଲୋଡ୍ କଲେ ନାହିଁ । ନିର୍ବାଚନରେ ଅନିୟମିତତା ହୋଇଛି ବୋଲି ଯେଉଁ ଅଭିଯୋଗ ହୋଇଆସୁଛି, ତାକୁ ପ୍ରମାଣିତ କରିବା ପାଇଁ ଫର୍ମ ୧୭ସି ହିଁ ଏକମାତ୍ର ଅସ୍ତ୍ର । ସମ୍ଭବତଃ ସେହି କାରଣରୁ ନିର୍ବାଚନ କମିସନର ଫର୍ମ ୧୭ସି ପ୍ରଦାନ କରିବା ପାଇଁ ବା ଏହାକୁ ୱେବ୍ସାଇଟ୍ରେ ଅପ୍ଲୋଡ୍ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।

# ଜରୁରୀକାଳୀନ ପରିସ୍ଥିତିରେ ଋଣ ନେବା ପ୍ରଥାରେ ପରିବର୍ତ୍ତନ


ଭୁବନେଶ୍ୱର,୪।୨ (ମହାଭାରତ): ଭାରତରେ ବ୍ୟକ୍ତିଗତ ଋଣକୁ ନେଇ ରହିଥିବା ପୁରୁଣା ଧାରଣା – ଯେଉଁଥିରେ ଋଣକୁ କେବଳ "ଅସୁବିଧା ସମୟର ସାହାଯ୍ୟ" ଭାବେ ଦେଖାଯାଉଥିଲା – ତାହା ଏବେ ଧିରେ ଧିରେ ବଦଳିବାରେ ଲାଗିଛି। ଏହି ପରିବର୍ତ୍ତନ ବିଶେଷ କରି ସେହି ଗ୍ରାହକ ମାନଙ୍କ ମଧ୍ୟରେ ଅଧିକ ଦେଖାଯାଉଛି, ଯେଉଁମାନଙ୍କର ସ୍ଥାୟୀ ଚାକିରୀ ଏବଂ ନିୟମିତ ଦରମା ରହିଛି। ଏମାନେ ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ ବର୍ଷ ବର୍ଷ ଧରି ଆର୍ଥିକ ଶୃଙ୍ଖଳା ରକ୍ଷା କରି ନିଜର ଦୀର୍ଘକାଳୀନ ସଂଚୟ ଏବଂ ପୁଞ୍ଜି ବିନିଯୋଗକୁ ସୁଦୃଢ଼ କରିଛନ୍ତି। କୋଭିଡ଼ ପରବର୍ତି ସମୟରେ ଯାହା ପରିବର୍ତନ ହୋଇଛି, ତାହା ସେମାନଙ୍କର ନିବେଶ କରିବାର କ୍ଷମତା ନୁହେଁ – ବରଂ 'ନିବେଶ'ର ପ୍ରକୃତ ସଂଜ୍ଞା। ଅନେକ ଅନୁଭବ କଲେ ଯେ ସେମାନେ ନିଜର ଆର୍ଥିକ ଭବିଷ୍ୟତ ପାଇଁ ସବୁକିଛି ଠିକ୍ କରୁଥିଲେ ମଧ୍ୟ, ଅଜାଣତରେ ନିଜର ସ୍ୱାସ୍ଥ୍ୟ, ମନ ଏବଂ ଶରୀରରେ ନିବେଶ କରିବାକୁ ପଛରେ ପକାଇ ଦେଇଥିଲେ। ଗତ କିଛି ବର୍ଷ ମଧ୍ୟରେ ଏହି ଅନୁଭବ ଆହୁରି ଦୃଢ଼ ହୋଇଛି, କାରଣ ବ୍ୟସ୍ତବହୁଳ କାର୍ଯ୍ୟଶୈଳୀ ଏବଂ ଦ୍ରୁତ ଜୀବନଧାରା ଯୋଗୁଁ ନିରୋଗତା, ଆତ୍ମଯତ୍ନ ଏବଂ ଉନ୍ନତ ଜୀବନଶୈଳୀ ଆଉ ବିଳାସପୂର୍ଣ୍ଣ ନୁହେଁ, ବରଂ ଏକ ଆବଶ୍ୟକତା ପାଲଟି ଯାଇଛି। ଫଳସ୍ୱରୂପ, ଆଜିର ଋଣଗ୍ରହିତା ମାନେ ଅଧିକ ସ୍ପଷ୍ଟତା ଏବଂ ଉଦ୍ଦେଶ୍ୟ ରଖି ଖର୍ଚ୍ଚ କରୁଛନ୍ତି – ଯେଉଁଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ସ୍ମରଣୀୟ ଅନୁଭବ, ଘରର ଆରାମ ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭଳି ଦୀର୍ଘ ଦିନର ଅବହେଳିତ ଲକ୍ଷ୍ୟଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେମାନେ ନିଜର କଷ୍ଟ ଅର୍ଜିତ ସଂଚୟ ବା ନିବେଶକୁ ଭାଙ୍ଗି ଏହି ଲକ୍ଷ୍ୟ ଗୁଡ଼ିକୁ ପୂରଣ କରିବାକୁ ଚାହୁଁ ନାହାଁନ୍ତି।

# ଲଟେରୀରେ ୧୬୭ ପରିବାରଙ୍କୁ ଘର

ଭୁବନେଶ୍ୱର,୪।୨ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ଆଜି ୧୬୭ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଲଟେରୀ ମାଧ୍ୟମରେ ପକ୍କା ଘରଆବଣ୍ଟନ କରାଯାଇଛି । ଚନ୍ଦ୍ରଶେଖରପୁର ବୁଦ୍ଧ ବିହାର ହାଉସିଂ ପ୍ରକଳ୍ପରେ ୧୦ରୁ ଅଧିକ ବସ୍ତିର ୧୬୭ଟି ପରିବାରକୁ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହ ଆବଣ୍ଟନ କରିଛନ୍ତି।

ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଏମ୍ ସି ମେୟର ଶ୍ରୀମତୀ ସୁଲୋଚନା ଦାସ, କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ କମିଟିର ଅଧ୍ୟକ୍ଷା ମହାମାୟା ସ୍ୱାଇଁ, ଅତିରିକ୍ତ କମିଶନର ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ୱାର୍ଡ କର୍ପୋରେଟର, ବିଏମ୍ ସି ଓ ବିଡିଏର ହିତାଧିକାରୀ, ଗଣମାଧ୍ୟମର ପ୍ରତିନିଧି ଓ ସାଲିଆସାହି, ସୁବାଷ ବୋଷ ନଗର ବସ୍ତି, ମହାବୀର ବସ୍ତି, ମାଛ ମାର୍କେଟ ବସ୍ତି, ଜଗନ୍ନାଥ ବିହାର ଗୋପାଳ ବସ୍ତି, ସହିଦ ଲକ୍ଷ୍ମଣ ବସ୍ତି, ପଳାଶୁଣୀ ମୁଣ୍ଡା ସାହି, ମା ଭଗବତୀ ବସ୍ତି, ମଙ୍ଗଳା ବସ୍ତି, ଏବଂ ବିଡିଏ ଅନୁମୋଦିତ ବିଭିନ୍ନ ବସ୍ତିର ୧୬୭ ଜଣ ହିତାଧିକାରୀ ଏବଂ ସେମାନଙ୍କର ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ । ଆଗାମୀ ଦିନରେ ବସ୍ତିବାସିନ୍ଦାଙ୍କୁ ଦିଆଯିବାକୁ ଥିବା ଘର ଆଧୁନିକ ହେବ । ୬ ମହଲା ବିଶିଷ୍ଟ ଏହି ଆପାର୍ଟମେଣ୍ଟରେ ଲାଗିବ ଲିଫ୍ଟ । ଗଠନ ହେବ ସ୍ୱତନ୍ତ୍ର କମିଟି । ସଂପୃକ୍ତ ବ୍ଲକ ବା ଆପାର୍ଟମେଣ୍ଟର ସମସ୍ତ ଦାୟିତ୍ୱ ବୁଝିବ ଏହି କମିଟି । ଖାଲି ସେତିକି ନୁହେଁ, ସେଠାରେ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ତିଆରି ହେବ । ବୁଦ୍ଧ ବିହାର ହାଉସିଂ କଲୋନୀ ଭିତରେ ରହୁଥିବା ଲୋକମାନଙ୍କର ଆର୍ଥିକ ଉନ୍ନତି ପାଇଁ ସେମାନଙ୍କ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ଗୃହ ପ୍ରଦାନ କରାଯିବ ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନୟ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର । ସେ ଆହୁରି କହିଛନ୍ତି ଯେ, ଆର୍ଥିକ ବିକାଶ ସହ ହିତାଧିକାରୀଙ୍କ ପରପିଢୀର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପାଇଁ ମଧ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି । ସରକାର ବସ୍ତିରେ ରହୁଥିବା ଲୋକଙ୍କୁ ପକ୍କା ଘର ଯୋଗାଇ ଦେବାକୁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ତାର ଫାଇଦା ନେବାକୁ ସେ ଆହ୍ୱାନ ଦେଇଛନ୍ତି ।

# ସ୍କାଉଟସ୍ ଏବଂ ଗାଇଡସ୍ ତାଲିମ୍‌ଦାତାମାନଙ୍କ ବୈଠକ



ଭୁବନେଶ୍ୱର,୪।୨ (ମହାଭାରତ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ତା୩୦.୦୧.୨୦୨୬ରିଖ ଠାରୁ ତା୦୧.୦୨.୨୦୨୬ରିଖ ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟାଳୟ ପରିସରରେ "କର୍ଣ୍ଣାଟକ ରାଜ୍ୟସ୍ତରୀୟ ତାଲିମ ଦାତାମାନଙ୍କର ଏକ ବୈଠକ" ଅନୁଷ୍ଠିତ ହୋଇଅଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟକମିଶନର ଡଃ. କାଳିପ୍ରସାଦ ମିଶ୍ର ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ଏହି ତାଲିମ୍ ବୈଠକ ଅନୁଷ୍ଠିତ ହେବା ଦ୍ୱାରା ତାଲିମ୍‌ର ପରିବର୍ତ୍ତନ ହୋଇଥିବା ପାଠଗୁଡିକ ସମସ୍ତେ ଜାଣିବାରେ ସହାୟକ ହେବ । କର୍ଣ୍ଣାଟକ ରାଜ୍ୟର ଏହା ପ୍ରଥମଥର ଓଡିଶାରେ ହେଉଥିବାରୁ ତାଲିମ୍ ସହିତ ଓଡିଶା ସ୍କାଉଟସ୍‌ର କାର୍ଯ୍ୟଶୈଳୀ କିପରି ଅଧିକରୁ ଅଧିକ ଜାଣିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ବୈଠକରେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଜାତୀୟ ଉପସଭାପତି ଶ୍ରୀମତୀ ଗୀତା ନଟରାଜ, କର୍ଣ୍ଣାଟକ ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ କମିଶନର ଚିନ୍ନାସ୍ୱାମୀ ରେଡି ଏବଂ ଶ୍ରୀମତୀ ବି.ଭି. ରାମଲତା, ରାଜ୍ୟ ତାଲିମ୍ କମିଶନର ନଗେଶ ଆର୍ ରେଡ୍ଡୀ, ରାଜ୍ୟ ତାଲିମ୍ କମିଶନର (ଗାଇଡ୍) ଶ୍ରୀମତୀ କେ.ଭି. ସାମଲା ଯୋଗଦେବା ସହିତ କର୍ଣ୍ଣାଟକର ୧୦୦ ରୁ ଊର୍ଦ୍ଧ୍ୱ ତାଲିମ ଦାତା ଯୋଗଦେଇଥିଲେ। ଏତେ ସୁନ୍ଦର ଆୟୋଜନ ପାଇଁ କର୍ଣ୍ଣାଟକ ରାଜ୍ୟ ମୁଖ୍ୟ କମିଶନର ପି.ଜି.ଆର୍. ସିନ୍ଧିଆ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସମସ୍ତ ସଦସ୍ୟମାନଙ୍କୁ ପ୍ରଶଂସା କରିଛନ୍ତି ।

# ନିଯୁକ୍ତି ପ୍ରକ୍ରିୟାକୁ ଗୁରୁତ୍ୱ

ଅଭିବୃଦ୍ଧି ହାର ୬ ପ୍ରତିଶତରୁ ଅଧିକ ରହିବା ସବୁ ବେଳେ ସ୍ୱାଗତଯୋଗ୍ୟ। ଆଗାମୀ ଆର୍ଥିକ ବର୍ଷ ଅର୍ଥାତ ୨୦୨୬-୨୭ରେ ଅଭିବୃଦ୍ଧି ହାର ୬.୮ରୁ ୭.୨ ପ୍ରତିଶତ ରହିବ ବୋଲି ସର୍ଭେ ରିପୋର୍ଟରେ ପୂର୍ବାନୁମାନ କରାଯାଇଛି। ଯଦି ଏହି ହାରରେ ଅଭିବୃଦ୍ଧି ଜାରି ରହେ ତେବେ ୨୦୩୦ ସୁଦ୍ଧା ଭାରତ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି ଆଶା କରାଯାଇପାରେ। ଏକଥା ସତ ଯେ କାଲି ତୃତୀୟ ବୃହତ୍ତମ ଅର୍ଥନୀତି ହେଲେ ହେବ ନାହିଁ, ଭାରତର ମୁଣ୍ଡ ପିଛା ଆୟ ମଧ୍ୟ ବୃଦ୍ଧି ପାଇବା ଜରୁରୀ। ଏକଥା ସତ୍ୟ ଯେ, ଭାରତରେ ମୁଣ୍ଡପିଛା ଆୟ ନିୟମିତ ଭାବେ ବଢୁଛି। କିନ୍ତୁ ଦେଶର ଜନସଂଖ୍ୟା ଏତେ ଅଧିକ ଯେ, ଅଭିବୃଦ୍ଧି ହାର ବଢ଼ିଲେ ମଧ୍ୟ ମୁଣ୍ଡପିଛା ଆୟ ବୃଦ୍ଧି ଖୁବ କମ ରହୁଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦେଶରେ ନିଯୁକ୍ତି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହା ସହିତ ଭିତ୍ତିଭୂମି ବିକାଶ ଏବଂ କୃଷି ଉତ୍ପାଦନ ବୃଦ୍ଧି ଜରୁରୀ ବୋଲି ରିପୋର୍ଟରେ ଦର୍ଶାଯାଇଛି। ସ୍ୱାଧୀନତା ପରେ ଭାରତର ଖାଦ୍ୟ ଉତ୍ପାଦନ ଅନେକାଂଶରେ ବଢ଼ିଛି। କିନ୍ତୁ ସେହି ଅନୁପାତରେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଏହା ସତ୍ତ୍ୱେ ଗହମ,ଚାଉଳ ଆଦି ଅନେକ ପ୍ରମୁଖ ଶସ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି। ଏଥିପାଇଁ ଆଉ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। କିନ୍ତୁ ଡାଲି ଜାତୀୟ ଫସଲ, ତୈଳବୀଜ ଉତ୍ପାଦନରେ ଭାରତ ଏବେ ବି ପଛରେ ପଡ଼ିଛି। ଏଥିପାଇଁ ବିଦେଶରୁ ପ୍ରଚୁର ପରିମାଣର ଡାଲି ଏବଂ ତେଲ ଆମଦାନୀ କରିବାକୁ ପଡୁଛି। ଏ କ୍ଷେତ୍ରରେ ଅଧିକ ପ୍ରୟାସ ଏବଂ ନିବେଶର ଆବଶ୍ୟକତା ରହିଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ସତ୍ତ୍ୱେ ଭାରତ ଏହାର ଦୃଢ଼ ମୁକାବିଲା କରିପାରିଛି ଏବଂ ଏଥିରେ ସଫଳତା ହାସଲ କରିଛି। ଏହାର କାରଣ ହେଲା ଖାଦ୍ୟ ଶସ୍ୟ ଉତ୍ପାଦନରେ ଆମେ ଅନେକାଂଶରେ ସ୍ୱାବଲମ୍ବୀ ହୋଇପାରିଛୁ ଏବଂ ଆମର ଆଭ୍ୟନ୍ତରୀଣ ବଜାର ବେଶ ବୃହତ ଏବଂ ସୁଦୃଢ଼। ୨୦୨୦ରୁ କୋଭିଡ ମହାମାରୀ ଏବଂ ପରେ ପରେ ତିନି ତିନିଟି ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଟାରିଫ ଲାଗୁ କରିଛନ୍ତି। ଏହାର ବିଶେଷ ପ୍ରଭାବ ଭାରତ ଉପରେ ଏ ଯାବତ ପଡ଼ିନାହିଁ। ଟ୍ରମ୍ପଙ୍କ ଟାରିଫ ପ୍ରଭାବକୁ ପ୍ରତିହତ କରି ଭାରତ ଅଭିବୃଦ୍ଧି ହାରକୁ ୭ ପ୍ରତିଶତ ଉପରେ ବଜାୟ ରଖିପାରିଛି। ଏହା ଏକ ଉଲ୍ଲେଖନୀୟ ସଫଳତା। ଏଥର ଉତ୍ତମ ମୌସୁମୀ ପ୍ରବାହ ଯୋଗୁ ଖରିଫ ଫସଲ ଉତ୍ପାଦନ ବଢ଼ିଛି। ତେଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଭିତରେ ରହିଛି। କିନ୍ତୁ ପାଣିପାଗ ସବୁ ବେଳେ ସମାନ ନଥାଏ। ଆଗକୁ ପ୍ରତିକୂଳ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ। ଏଥିପାଇଁ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ ହେବା ଉଚିତ। ପ୍ରତିକୂଳ ପରିସ୍ଥିତି ସହ ଖାପ ଖୁଆଇ ଆମେ ଆଗକୁ ବଢ଼ିଲେ ହିଁ ପ୍ରକୃତ ବିକାଶ ସମ୍ଭବ ହୋଇପାରିବ। ପ୍ରତ୍ୟେକ କ୍ଷେତ୍ରରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ। ଶିଳ୍ପ, କୃଷି, ପର୍ଯ୍ୟଟନ, ଭିତ୍ତିଭୂମି ବିକାଶ ହିଁ ଆମ ବିକାଶର ମୂଳଭିତ୍ତି ଏବଂ ଏହା ମାଧ୍ୟମରେ ନିଯୁକ୍ତି ସୁଯୋଗ ମଧ୍ୟ ବଢ଼ିବ। ଜିଏସଟି ସଂସ୍କାର ପରେ ଭାରତର ରାଜସ୍ୱ ସଂଗ୍ରହ ବଢ଼ିଛି। ଚଳିତ ବର୍ଷ ଆର୍ଥିକ ନିଅଣ୍ଟ ଜିଡିପିର ୪.୪ ପ୍ରତିଶତରେ ସୀମିତ ରହିବ ବୋଲି ଆଶା କରାଯାଉଛି। କିଛି ପ୍ରମୁଖ ରାଷ୍ଟ୍ର ସହ ଭାରତ ଇତିମଧ୍ୟରେ ନୂଆ ବାଣିଜ୍ୟ ଚୁକ୍ତି କରିଛି। ଏହା ଭାରତର ରପ୍ତାନୀ ବୃଦ୍ଧି ସହ ଫୋରେକ୍ସ ରିଜର୍ଭ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏବେ ଭାରତର ଫୋରେକ୍ସ ରିଜର୍ଭ ପରିମାଣ ରହିଛି ୭୦୯ ବିଲିୟନ ଡଲାର।

# ବିଗିଡି ଯାଉଛି ପିଲାଦିନ

॥ ଜୟନ୍ତୀ ପଣ୍ଡା ॥

*“ ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା।*

ବର୍ତ୍ତମାନ ସମୟକୁ ଦେଖିଲେ ଅନେକଙ୍କ ଭିତରେ ସେମାନଙ୍କର ନିଜର ହୁଅନ୍ତୁ ବା ପରିଚିତ ପିଲାଟିର ପାଠପଢ଼ା ଜନିତ ସମସ୍ୟାକୁ ନେଇ ଅନେକ ଘଟଣା, ସତ୍ୟନିଷ୍ଠ କାହାଣୀ ଓ ଅଙ୍ଗେନିଭା ଅନୁଭୂତି ରହିଛି। ଏ ନେଇ ଅନେକ ସମୟରେ କେତେକ ଦୁଃଖଦ ପରିସ୍ଥିତିକୁ ମଧ ଅନେକ ସାମ୍ନା କରିଥାନ୍ତି। ବାସ୍ତବକଥା ହେଉଛି ପିଲାଦିନଟି ସତରେ କ'ଣ ବିଗିଡ଼ି ଯାଇଛି ? ଅନେକ ଏହି କଥା ସହିତ ସହମତ ହୋଇପାରନ୍ତି ଆଉ ଅସହମତ ବି। ଆସନ୍ତୁ ଗୋଟିଏ ଛୋଟିଆ ଆଲୋଚନା କରିବା। ଅନେକ ସମୟରେ ଦେଖାଯାଏ ବିଦ୍ୟାଳୟରେ ଭଲପିଲା ତଥାକଥିତ ଖରାପ ପିଲାଙ୍କୁ ନେଇ ନାନା ଆଲୋଚନା ହୁଏ। ଏହା ଭିତରେ ଅଧ୍ୟାପକ/ଅଧ୍ୟାପିକାମାନେ ବଦମାସ ପିଲା, ସେମାନଙ୍କ ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ ମଧରେ ଫୁଟବଲ ପାଲଟୁଛନ୍ତି। ଛାତ୍ରଛାତ୍ରୀଙ୍କ ପର୍ଫମାନ୍ସର ଦାୟିତ୍ୱ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଲଦି ଦିଅନ୍ତି ସ୍କୁଲ ପ୍ରଶାସନ। କିନ୍ତୁ ଏପଟେ ଯଦି ପାଠ ପଢୁନଥିବା କିମ୍ବା ବଦମାସି କରୁଥିବା ପିଲାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ ଗାଳି ବି ଦିଅନ୍ତି ତେବେ ଆଉ ଏକ ସମସ୍ୟା ଆରମ୍ଭ ହୋଇଯାଏ। କିଛି ପିଲାଙ୍କ ପାଇଁ ସାରା ଶ୍ରେଣୀର ପିଲା ହଇରାଣ ହୁଅନ୍ତି ମାତ୍ର ସେମାନଙ୍କୁ କେବଳ ଚେତାବନୀ ଦେବା ବ୍ୟତୀତ ଆଉ କିଛି କରିହୁଏନି। ମ୍ୟାନେଜମେଣ୍ଟ ଓ ଅଭିଭାବକଙ୍କ ପାଖରେ ଅଭିଯୋଗ କଲେ କୌଣସି ସକାରାତ୍ମକ ପରିଣାମ ଆସେନି। ଫଳରେ ବାଲୁଙ୍ଗା ପିଲାମାନେ ଧୀରେ ଧୀରେ ବଦମାସ ପିଲା ପାଲଟନ୍ତି, ଯାହା ଇଛା କରନ୍ତି।

ଏ ଅବସ୍ଥା କ'ଣ ପାଇଁ : ବିଶେଷଜ୍ଞମାନଙ୍କ ମତ ଛାତ୍ରଛାତ୍ରୀମାନଙ୍କର ଏହି ପାଠ୍ୟଖସଡ଼ା ପାଇଁ ମୁଖ୍ୟ ଦାୟୀ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବା ଯୋଗୁଁ ଛତୁ ଫୁଟିବା ପରି ଘରୋଇ ସ୍କୁଲ ଖୋଲୁଛି। ଏସବୁ ସ୍କୁଲର ଏକମାତ୍ର ଉଦ୍ଦେଶ୍ୟ ଅର୍ଥ। ତେଣୁ ଅଭିଭାବକଙ୍କ ପାଖରେ ଅର୍ଥ ଥିଲେ ପାଠପଢ଼ାରେ ଦୁର୍ବଳ ପିଲା ମଧ ସହଜରେ ଦାମୀ ନାମୀ ସ୍କୁଲରେ ନାମ ଲେଖାଇ ପାରୁଛନ୍ତି ମୋଟା ଡୋନେସନ ଦ୍ୱାରା। ଯେଉଁ ପିଲାଙ୍କର ପାଠପଢ଼ାରେ ଇଛା ନାହିଁ ସେମାନେ ନାମୀଦାମୀ ସ୍କୁଲରେ ପହଞ୍ଚିବା ପରେ କେବଳ ସମୟ କାଟନ୍ତି ଓ ଏହି କାରଣରୁ ଛୋଟମୋଟ ବଦମାସୀ ଆରମ୍ଭ ହୁଏ। ଏହାର କୁପରିଣାମ ଭୋଗନ୍ତି ସହପାଠୀ/ସହପାଠିନୀ ଓ ଶିକ୍ଷକମାନେ। ସ୍କୁଲ ପ୍ରଶାସନର ଅର୍ଥ ଲିପ୍‌ସା ନିରୀହ ପିଲା ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସମସ୍ୟା ହୋଇଯାଏ। ଆଇନ୍ ଶିକ୍ଷକଙ୍କ ହାତ ବାନ୍ଧି ଦେଇଛି। ପିଲାଙ୍କୁ ଆକଟ କରି ଗାଳି ଦେଲେ, ମାନସିକ ନିର୍ଯାତନା ଦେବା ପରି ଅଭିଯୋଗ ହେବାର ଭୟ ରହୁଛି। ଅଭିଭାବକଙ୍କ ଜିଦ୍ ପିଲାଏ ଯେ କୌଣସି ମତେ ପଢ଼ିବେ। ତେଣୁ ପାଠ ହେଉ ନା ନହେଉ ପିଲା ଦାମୀ ସ୍କୁଲରେ ପଢ଼ିବେ। ଏ ପରମ୍ପରା ଉତ୍ତର ଭାରତରେ ଅଧିକ। ଅନ୍ୟପକ୍ଷରେ ଅଧିକାଂଶ ଅଭିଭାବକ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ ପିଲାଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ତେଣୁ ଶିକ୍ଷକଙ୍କର ଅଭିଯୋଗ ପ୍ରତି ମଧ ସେମାନେ ନଜର ଦେଇପାରନ୍ତି ନାହିଁ। ଏହି ଉଦାସୀନତା ସେମାନଙ୍କ ପିଲା ପାଇଁ ତ ଖରାପ କିନ୍ତୁ ଏଥିସହ ଅନ୍ୟ ପିଲାମାନେ ମଧ ସେଥିପାଇଁ କଷ୍ଟ ପାଆନ୍ତି। ଭାରତରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଶିକ୍ଷିତ ଲୋକମାନେ ବି ସଚେତନ ନୁହନ୍ତି। ପିଲାର ବ୍ୟବହାରରେ ପରିବର୍ତ୍ତନକୁ ସେମାନେ ସ୍ୱାଭାବିକ ଭାବରେ ନିଅନ୍ତି। ଯେ ପର୍ଯ୍ୟନ୍ତ ପିଲା କିଛି ବଡ଼ ଭୁଲ କାମ ନକରେ ସେ ପର୍ଯ୍ୟନ୍ତ ସେସବୁ ପ୍ରତି କେହି ନଜର ଦିଅନ୍ତି ନାହିଁ।

ଅନୁଷ୍ଠାନ ଓ ଅଭିଭାବକ, ଉଭୟେ ଦୋଷୀ – ବିଶେଷଜ୍ଞମାନଙ୍କ ମତ ଆଜିକାଲି ପିଲାମାନେ ବଦମାସୀ ଆଡ଼କୁ ମୁହାଁଇବା ପଛରେ ଅଭିଭାବକ ଓ ଅନୁଷ୍ଠାନ ଉଭୟେ ମୁଖ୍ୟ ଦୋଷୀ। ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲା ଯେତେବେଳେ ଜାଣିବା ମତେ ଅନୁଶାସନରେ ରହିବାକୁ ହେବ ତେବେ ତାର ବ୍ୟବହାର ନିୟନ୍ତ୍ରିତ ହେବ। କିନ୍ତୁ କିଛି ଅଭିଭାବକ ଅର୍ଥ ଓ କ୍ଷମତାର ଦମ୍ଭରେ ପିଲାର ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯାଆନ୍ତି। ଅହଙ୍କାରୀ ପିତାମାତାଙ୍କ ପିଲାମାନେ ସ୍କୁଲରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାରେ ସବୁଠୁ ଆଗୁଆ ବୋଲି ଜଣାପଡ଼ିଛି। ଅନେକ ସମୟରେ ପିଲାମାନେ ନିଜେ ମଧ ଜାଣନ୍ତି ନାହିଁ, ସେମାନଙ୍କ କାର୍ଯ୍ୟକଳାପ ଅନ୍ୟକୁ କଷ୍ଟ ଦେଉଛି। ଏହା ଜଣାଇବାର ଦାୟିତ୍ୱ ପିତାମାତାଙ୍କର। ନାମୀ ଦାମୀ ପ୍ରଫେସନାଲ କଲେଜଗୁଡ଼ିକ ପାଠ କିଣାବିକାର ମୁଖ୍ୟ କେନ୍ଦ୍ର। ଅନୁଷ୍ଠାନର ଲକ୍ଷ୍ୟ ଥାଏ ଅଧିକ ପିଲା ଆସିଲେ ଅଧିକ ଅର୍ଥ ଆସିବ। ଅଧିକ ଅର୍ଥ ପାଇଁ ଆବଶ୍ୟକ ଭଲ ରେଜଲ୍ଟ। ପିଲା ପାଠ ନପଢ଼ିଲେ ବି କେମିତି ଭଲ ରେଜଲ୍ଟ କରିପାରିବ ସେ ନେଇ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଚାହାନ୍ତି ସେମାନେ। ସେମିତି ପ୍ରଚୁର ଅର୍ଥ ଥିବା ପିତାମାତା ପିଲାର ଇଛା ଥାଉ ବା ନଥାଉ ଦାମୀ କଲେଜରେ ନିଜ ମନମୁତାବକ ପାଠ୍ୟକ୍ରମରେ ନାମ ଲେଖାଇ ଦିଅନ୍ତି। ପିଲାର କିନ୍ତୁ ସେ ପାଠ ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆଗ୍ରହ ଥାଏ। ଏ କ୍ଷେତ୍ରରେ ତାର ସମସ୍ତ ଆଗ୍ରହ ନକାରାତ୍ମକ କ୍ଷେତ୍ରକୁ ଚାଲିଯାଏ। ତେଣୁ ଯେ ପର୍ଯ୍ୟନ୍ତ ଅର୍ଥ ହିଁ ସବୁକିଛିର ମନୋଭାବ ଉଭୟ ଶିକ୍ଷାନୁଷ୍ଠାନ ଓ ପିତାମାତା ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ନାହିଁ।

ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା। ୨୦୨୨ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ଅବସାଦ ହିଁ ମୁଖ୍ୟ ଅସୁସ୍ଥତା ଓ ଅକ୍ଷମତା ଏବଂ ଆତ୍ମହତ୍ୟା ସଡ଼କ ଦୁର୍ଘଟଣା, ଏଚ୍‌ଆଇଭି ପରେ ମୃତ୍ୟୁର ମୁଖ୍ୟ କାରଣ। ପିଲାଙ୍କ ଠାରେ ମାନସିକ ଅବସାଦ ସମାଜ ପାଇଁ ସବୁବେଳେ ଏକ ବଡ଼ ସମସ୍ୟା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ମଧ ଏହା ଏକ କଷ୍ଟକର ଅଧ୍ୟାୟ। ଅଧିକାଂଶ ଚିକିତ୍ସକ ପିଲାଙ୍କ ଠାରେ ଅବସାଦ ଆସିପାରେ ତାହା ମଧ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି କାରଣ ଅବସାଦ ଗ୍ରସ୍ତ ହେବା ପରି ମାନସିକ ପରିପକ୍ୱତା ପିଲାଙ୍କ ଠାରେ ଥାଇପାରେ ବୋଲି ସେମାନେ ସନ୍ଦେହ କରନ୍ତି। କାରଣ ଅବସାଦ ଗ୍ରସ୍ତ ହେଲେ ପିଲାଙ୍କ ଠାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ତାହାକୁ ଅନେକେ ବୟୋବୃଦ୍ଧ ଜନିତ ବ୍ୟବହାରିକ ପରିବର୍ତ୍ତନ ବୋଲି ମନେ କରନ୍ତି। ଏ ପରିପ୍ରେକ୍ଷୀରେ ଜାତିସଂଘ ରିପୋର୍ଟ ସମସ୍ତଙ୍କ ଆଖି ଖୋଲି ଦେଇଛି। ଅବସାଦର ସାମାଜିକ ସହ ଜୈବିକ ଓ ବଂଶାନୁକ୍ରମିକ କାରଣ ରହିଛି। ଯେଉଁ ପିଲାମାନଙ୍କ ପରିବାରରେ ଅବସାଦର ଇତିହାସ ଅଛି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଅବସାଦ ଗ୍ରସ୍ତ ହୁଅନ୍ତି। ଅବସାଦ ସବୁବେଳେ ମସ୍ତିଷ୍କର ସମସ୍ୟା ନୁହେଁ। ପରିବାର ଓ ସମାଜ ସହ ଯୋଗାଯୋଗର ଅଭାବ ମଧ ଏ ସମସ୍ୟାର କାରଣ ହୋଇଥାଏ। ଅବସାଦଗ୍ରସ୍ତ ପିଲା ଶବ୍ଦରେ ନିଜର ଯନ୍ତ୍ରଣା ବୟାନ କରିପାରନ୍ତି ନାହିଁ। ମାତ୍ର ଏହା ସେମାନଙ୍କ ଶାରୀରିକ ଯନ୍ତ୍ରଣା ଦ୍ୱାରା ପରିସ୍ଫୁଟ ହୋଇଥାଏ। ଅବସାଦ ଗ୍ରସ୍ତ ପିଲା, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, କାନବିନ୍ଧା, ଛାତିବିନ୍ଧାର ଶିକାର ହୁଅନ୍ତୁ। ଶାରୀରିକ ଭାବରେ ଏ ସମସ୍ୟାର କିଛି କାରଣ ନଥାଏ କିନ୍ତୁ ଅବସାଦ ଯୋଗୁଁ ଏହି ଚାପ ରୁହେ। ଅନେକ ସମୟରେ ଏହା ସ୍ଥାୟୀ ଶାରୀରିକ ସମସ୍ୟା ପାଲଟି ଯାଏ। ଏଭଳି ପିଲାଙ୍କର ସାମାଜିକ ଓ ସ୍କୁଲ ପରିବେଶରେ ସମସ୍ୟା ଦେଖାଯାଏ। ପାଠପଢ଼ାରେ ଅବନତି ହେବା ସହ ଘରେ ସାଙ୍ଗସାଥୀଙ୍କ ସହ ଖେଳିବା, ନିଜର ପ୍ରିୟ ଅଭ୍ୟାସଗୁଡ଼ିକରେ ଆଗ୍ରହ ନରହିବା, ବାପା-ମା କିମ୍ବା ଭାଇଭଉଣୀଙ୍କ ସହ କଥାବାର୍ତ୍ତାର ଆଗ୍ରହ ନରହିବା ଅବସାଦର ଲକ୍ଷଣ। ଏପରିକି କିଛି ପିଲା ଶୀଘ୍ର ଉତ୍‌କ୍ଷିପ୍ତ ଓ ଉଗ୍ର ହୋଇଯାଆନ୍ତି। କିନ୍ତୁ ଅନେକ ସମୟରେ ଏ ସମସ୍ୟା ଚିହ୍ନିବା ସମ୍ଭବ ହେଉନଥିବାରୁ କିମ୍ବା ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏ ନେଇ ସଚେତନ ନଥିବାରୁ ସମସ୍ୟା ଉତ୍କଟ ହୋଇ ଅନେକ ସମୟରେ ଅବସାଦଗ୍ରସ୍ତ ଶିଶୁକୁ ମାନସିକ ରୋଗୀରେ ପରିଣତ କରିଦିଏ। ଅବସାଦଗ୍ରସ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଯେ ସବୁବେଳେ ଔଷଧ ଆବଶ୍ୟକ ତା ନୁହେଁ। ଯଦି ପିଲା ଖୁବ୍ ଛୋଟ ଅବସାଦ ଖୁବ କମ, ଚାପ ସୃଷ୍ଟି କରୁଥିବା ପରିବେଶ ପ୍ରତି ପ୍ରତିକ୍ରିୟାଶୀଳ ଏବଂ ପରିବାରରେ ଅବସାଦର ଇତିହାସ ନାହିଁ ତେବେ ବିନା ଔଷଧରେ କିଛି ସାଇକୋଥେରାପି କୌଶଳ ଦ୍ୱାରା ଆରୋଗ୍ୟ ହେବାର ସମ୍ଭାବନା ଅଧିକ। ତେବେ ଯେଉଁ ଅବସାଦ ମଧ୍ୟାବସ୍ଥା କିମ୍ବା ଉତ୍କଟ ସ୍ତରରେ ପହଞ୍ଚିଯାଏ ସେଠାରେ ସାଇକୋଥେରାପି ସହ ଔଷଧର ଆବଶ୍ୟକତା ଦେଖାଦିଏ। କିନ୍ତୁ ଦୁଃଖର କଥା ମାତ୍ର ୨୦ ପ୍ରତିଶତ ଅବସାଦଗ୍ରସ୍ତ ପିଲା ଉପଯୁକ୍ତ ଚିକିତ୍ସା ପାଇପାରନ୍ତି। ବିଶେଷଜ୍ଞମାନଙ୍କ ମତ ମାନସିକ ଅବସାଦ କିମ୍ବା ମାନସିକ ସମସ୍ୟା ପାଇଁ ଔଷଧ ଅଛି, ମନସ୍ତତ୍ତ୍ୱବିତ୍, ମାନସିକ ରୋଗୀ ବିଶେଷଜ୍ଞ ଅଛନ୍ତି। ତେବେ ପିଲା ପାଇଁ ସବୁଠାରୁ ଭଲ ଡାକ୍ତର ହେଉଛନ୍ତି ତାର ପିତାମାତା। ସେମାନେ ହିଁ ପ୍ରଥମେ ତାର ଚାପକୁ ବୁଝିବାକୁ ସମର୍ଥ। ତେଣୁ ପିତାମାତା ସିଧାସଳଖ ପିଲାକୁ ତାର ପରିବର୍ତ୍ତନର କାରଣ ପଚାରିପାରିବେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଭାବରେ। ଏହାଦ୍ୱାରା ପିଲା ବି ବୁଝିବ ସେମାନେ ମୋ ପାଇଁ ବ୍ୟସ୍ତ ମତେ ଭଲପାଆନ୍ତି ବା ମୋର ଭଲ କରିବାକୁ ଚାହାନ୍ତି। ତା ମନରୁ ଭୟ ଦୂର ହେବ ଏବଂ ସେ ମନର ଦୁଃଖ, ବ୍ୟସ୍ତତା ଓ ଆଶଙ୍କାକୁ ବାପା-ମାଙ୍କ ଆଗରେ ଖୋଲି କହିପାରିବ। ପିଲାର ବନ୍ଧୁ ହେବା ଦ୍ୱାରା ତାର ହଜିଯାଇଥିବା ପିଲାଦିନକୁ ସେ ଯେ ନିଶ୍ଚିନ୍ତ ଫେରିପାଇବ ଏହାକୁ ସମସ୍ତେ ମନେରଖିବା ଉଚିତ। କେବଳ ଏହାପାଇଁ ଶ୍ରଦ୍ଧା, ପ୍ରେମ, ଆବେଗ ଓ ଭଲପାଇବାର ବନ୍ଧୁତ୍ୱ ଦରକାର।

ଏସଆରଏସ ରେସିଡେନ୍ସି, ପି-୯, ୧୭ଏ,
ସେକ୍ଟର-୮୮, ଫରିଦାବାଦ, ହରିଆନା

# ବାର୍ଦ୍ଧକ୍ୟର ଗତିରୋଧ

॥ ପ୍ରଫୁଲ୍ଲ କୁମାର ଦାସ ॥

ଚଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରି ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

# ମାନବିକତା ହିଁ ପରମ ଧର୍ମ

॥ ମୌଲାନା ଫଜଲ ହକ ଖାଁ ॥

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମଳିନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ ପ୍ରଦାନ କରନ୍ତି । ଯଦ୍ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଲ୍‌କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛନ୍ତି ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; 'ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତ୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତ୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ୟହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତ୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।'

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ'ଣ ଦେଲା ? କାହିଁକି ଏ ବିପ୍ରାପ୍ତ ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମର୍ଚ୍ଚେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; 'ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।'

ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ସାହିତ୍ୟ ସଭା ଓ ସମ୍ବର୍ଦ୍ଧନା ଉତ୍ସବ

ହିଞ୍ଜିଳିକାଟୁ,: : ହିଞ୍ଜିଳିକାଟୁ ପୌରାଞ୍ଚଳ ଲୋକନାଥ ମାର୍ଗ ସ୍ଥିତ ପାର୍ବତୀ ସାହିତ୍ୟ ସଦନ ପକ୍ଷରୁ ରବିବାର ସାହିତ୍ୟ ସଭା ଓ ସମ୍ବର୍ଦ୍ଧନା ଉତ୍ସ୍ୱ ଅନୁଷ୍ଠିତ ହୋଇଛି । ଚିତ୍ତ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ,କବି ମୂରଲୀଧର ନନ୍ଦ ଓ ପ୍ରତିଷ୍ଠାତା ସମ୍ପାଦକ ତଥା ସାହିତ୍ୟିକ ହରିହର ଚୌଧୁରୀ ପ୍ରମୁଖ ମଞ୍ଚସୀନ ଏକ ଥିଲେ । ଏହି ଅବସରରେ ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ଚୌଧୁରୀଙ୍କ ଦ୍ୱାରା ସ୍ୱରଚିତ କବିତା ସଂକଳନ ପୁସ୍ତକ ଫୁଲ ଓ ବ୍ରହ୍ମକୁମାର ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ରଚିତ ପୁସ୍ତକ ଭକ୍ତି ଏକ ଫୁଲବନ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବିଭିନ୍ନ ସୃଜନ ମଣ୍ଡଳୀଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ ହୋଇଥିଲା । କବିସୂର୍ଯ୍ୟ ନଗର ସହରର ଦରଦୀ କବି ଭାବେ ପରିଚିତ ବିଷ୍ଣୁ ଚରଣ ପଟ୍ଟନାୟକଙ୍କୁ ପ୍ରତିଷ୍ଠାତା ସମ୍ପାଦକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ । କବି ଯଜ୍ଞଦତ୍ତ ସାମନ୍ତରାୟ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାରସ୍ୱତ ସାଧକ ରାମନାଥ ମାଝୀ, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ଦିବ୍ୟାନି ମାର୍ଥା, ଅରବିନ୍ଦ ପଣ୍ଡା, ରାମକୃଷ୍ଣ ଚୌଧୁରୀ, କିଶୋର ଚନ୍ଦ୍ର ବିଷୋୟୀ, ଗାୟତ୍ରୀ ଚୌଧୁରୀ ଓ ମୁରଲୀ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଗ୍ନି ଦେବତାଙ୍କୁ ପୂଜାର୍ଚ୍ଚନା

ଦାମନଯୋଡ଼ି,:: ପବିତ୍ର ମାଘ ପୂର୍ଣ୍ଣମୀ ଅବସରରେ ରବିବାର ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି । ଭେଜାପୁଟ ସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ସନ୍ଧ୍ୟା ନୀତି ପରେ ମନ୍ଦିର ସମ୍ମୁଖରେ ଅଗ୍ନି ଉତ୍ସବ ପାଳିତ ହୋଇଥିଲା । ମନ୍ଦିରର ନିତ୍ୟ ପୂଜକ ମାନସ କୁମାର ଦାଶ ପାଳଗଦା ନିକଟରେ ଅଗ୍ନି ଦେବତାଙ୍କୁ ପୂଜାର୍ଚ୍ଚନା କରିବା ପରେ ଅଗ୍ନି ସଂଯୋଗ କରିଥିଲେ । କୀର୍ତ୍ତନ ମଣ୍ଡଳୀ ଅଗ୍ନି ଚତୁଃପାର୍ଶ୍ୱରେ ନାମ ସଙ୍କୀର୍ତ୍ତନ କରିଥିଲେ । ଉପସ୍ଥିତ ଶ୍ରଦ୍ଧାଳୁ ମାନେ ଅଗ୍ନିରେ ଆଳୁ ବାଇଗଣ, ସାରୁ, କନ୍ଦମୂଳ, ନଡ଼ିଆ ଆଦି ପୋଡ଼ି ସେସବୁକୁ ପ୍ରସାଦ ଭାବରେ ଗ୍ରହଣ କରିଥିଲେ ।ଏହି ପ୍ରସାଦ ସେବନ ଦ୍ୱାରା ଚର୍ମ ରୋଗ ସହିତ ଅନ୍ୟ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ମନ୍ଦିର ପରିଚାଳନା କମିଟି, ବଜାର କମିଟି ଓ ଗ୍ରାମବାସୀ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ । ସେହିପରି ଶ୍ୱେତସୁବର୍ଣ୍ଣ କ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସନ୍ଧ୍ୟାନୀତି ପରେ ମନ୍ଦିର ପ୍ରାଙ୍ଗଣରେ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ:ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏଥିରେ ମୋଟ ୯୫ ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୭୮ ଗୋଟି ବ୍ୟକ୍ତିଗତ, ୧୨ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୫ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା । ତତକ୍ଷଣାତ ୮ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା ।ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।ଏହି ଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ,ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଚଳିତ ମାସ ୯ ତାରିଖରେ କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି ।

## ବନଦୁର୍ଗା କ୍ଲବର ବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ : ପୁରୀଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବୁଦ୍ଧିବର ପଞ୍ଚାୟତର ଗୋପକୁଦା ଗ୍ରାମ ମା ବନଦୁର୍ଗା କ୍ଲବ ଆନୁକୁଲ୍ୟରେ ୩୮ ତମ ବାର୍ଷିକ ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବ୍ରହ୍ମଗିରି ସାଂସଦ ଙ୍କ ପ୍ରତିନିଧି ହରିହର ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରହଲ୍ଲାଦ ଜେନା, , ସମ୍ମାନିତ ଅତିଥିଭାବେ ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନା,ବୁଦ୍ଧିବର ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ବିଶ୍ୱାଳ ପ୍ରଭୃତି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ମା ବନଦୁର୍ଗା କ୍ଲବ ସଭାପତି ଗୌରାଙ୍ଗ ଚରଣ ପଲେଇ, ସମ୍ପାଦକ ମାନସ କୁମାର ପଲେଇ, ଦୁର୍ଗା ଚରଣ ବିଶ୍ୱାଳ, ସୌଭାଗ୍ୟ ବଳିୟାରସିଂହ,ସନ୍ତୋଷ କୁମାର ବେହେରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କ୍ଲବ ର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ଟ୍ରକ ଧକ୍କାରେ ବରିଷ୍ଠ କଂଗ୍ରେସ ନେତାଙ୍କ ଦେହାନ୍ତ

କଳିଙ୍ଗନଗର : (ମହାଭାରତ) ଆଜି ଅପରାହ୍ନ ସମୟରେ କଳିଙ୍ଗନଗର ସ୍ଥିତ ଡୁବୁରୀ ଗୋଲେଇ ଛକ ରେ ଏକ ସଡ଼କ ଦୁର୍ଘଟଣା ଘଟିଛି, ସୂଚନା ମୁତାବକ ବାରଗଡିଆ ଗ୍ରାମର ସଇନ ରାଜଙ୍କ ପୁଅ ରଞ୍ଜିତ ରାଜ ( ୫୨ ),ଡୁବୁରୀ ଗୋଲେଇ ଛକରେ ରାସ୍ତା ଅତିକ୍ରମ କରୁଥିବା ବେଳେ ସୁକିନ୍ଦା ପଟୁ ଆସୁଥିବାଏକ ଷୋଳ ଗାଡି ନମ୍ବର ଚକିଆ ମାଲ ବୋଝେଇ ଭାରୀ ଯାନ ତାଙ୍କ ଉପରେ ଚଢି ଯାଇଥିଲା, ଘଟଣା ସ୍ଥଳରେ ରଞ୍ଜିତ ଙ୍କର ପ୍ରାଣବାୟୁ ଉଡି ଯାଇଥିଲା, ଶ୍ରୀଯୁକ୍ତ ରାଜ ଜଣେ ମେଳାପୀ ଓ ଭଲ ବ୍ୟକ୍ତି ଥିଲେ । ସୁକିନ୍ଦା ବ୍ଲକର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଥିବା ସହ ଜଣେ ଭଲ ସଂଗଠକ ଥିଲେ ।ଏ ଖବର ପ୍ରଚାରିତ ହେବା ପରେ ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଛି । କଂଗ୍ରେସ ର ସମସ୍ତ ନେତୃମଣ୍ଡଳୀ ଶୋକ ପ୍ରକାଶ କରିବା ସହ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଦାନଗଦୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରି ସୁକିନ୍ଦା ର ଅପୂରଣୀୟ କ୍ଷତି ହେଲା ବୋଲି କହିଛନ୍ତି, ପରିବାର ବର୍ଗ ଙ୍କୁ ସମବେଦନା ଜଣାଇଛନ୍ତି, କଳିଙ୍ଗନଗର ପୋଲିସ ଗାଡି ଟିକୁ ଜବତ କରି ଛନ୍ତି,କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟ୍ରାଫିକ ସମସ୍ୟା ଅଣାୟତ୍ତ ଥିବେ ବେଳେ ରାସ୍ତା ଯେପରି ଭିଡ଼ ରହୁଛି ଟ୍ରାଫିକ ବ୍ୟବସ୍ଥା ବୋଲି କିଛି ନାହିଁ, ଗାଡି ସଂଖ୍ୟା ଦ୍ରୁତ ଗତିରେ ବଢିଛି ପ୍ରଶାସନ ନୀରବ ବସିଛି,ସନ୍ଧ୍ୟା ସମୟରେ ନୋ ଏଣ୍ଟ୍ରି ଜୋନ ନାହିଁ.. କାରଖାନା ର ବସ ଗୁଡିକ ବହୁତ ସ୍ପିଡ଼ ରେ ଯାଉଛନ୍ତି, ରାସ୍ତା ଉପରେ ପାର୍କିଂ ବେଆଇନ ଭାବେ ହେଉଛି.। ସେଥିପାଇଁ ବାରମ୍ବାର ଦୁର୍ଘଟଣା ମାନ ଘଟୁଛି, ଅଞ୍ଚଳ ବାସୀ ସେଥିପାଇଁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

## ରାସ୍ତାରୋକ କଲେ ଗ୍ରାମବାସୀ: ଦୁଇ ଶିକ୍ଷୟତ୍ରୀ ନିଲମ୍ବିତ



ଗଣିଆ,.(ମହାଭାରତ): ଗଣିଆ ଥାନା ଅନ୍ତର୍ଗତ ବେଲପଡ଼ାପାଟଣା ମଳିକ ସାହିର ବିଜୟ ମଳିକଙ୍କ ପୁତ୍ର ଭୋଳାନାଥ ମଳିକ(୧୦) ବେଲପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ୫ମଶ୍ରେଣୀ ଛାତ୍ର ଗତକାଲି ବିଦ୍ୟାଳୟରୁ ନିଖୋଜ ଥିବାବେଳେ ଭୋଳାନାଥର ମୃତ ଦେହ ବେଲପଡ଼ାପାଟଣା ଗ୍ରାମ ନିକଟସ୍ଥ ମଙ୍ଗଳା ମନ୍ଦିର ନିକଟସ୍ଥ ଏକ କୂଅରୁ ଉଦ୍ଧାର ହୋଇଛି । ମିଳିଥିବା ସୁଚନା ଅନୁସାରେ ଗତକାଲି ଛାତ୍ରଜଣକ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଝାଡ଼ା ଯିବେ ବୋଲି କହି ପ୍ରଧାନଶିକ୍ଷୟତ୍ରୀ ମନିଷା ସେନାପତିଙ୍କୁ କହି ଆସିଥିଲା । ଅପରାହ୍ନ ୪ଟାରେ ବିଦ୍ୟାଳୟ ଛୁଟି ହେବା ପର୍ଯ୍ୟନ୍ତ ଭୋଳାନାଥ ବିଦ୍ୟାଳୟକୁ ନଫେରିବାରୁ ତାର ବ୍ୟାଗ ପିଲାଙ୍କ ହାତରେ ପ୍ରଧାନଶିକ୍ଷୟତ୍ରୀ ତାଙ୍କ ଘରକୁ ପଠାଇ ଦେଇଥିଲେ । ତେବେ ଭୋଳାନାଥ ଘରକୁ ନଫେରିବାରୁ ପରିବାର ଲୋକ ବିଭିନ୍ନ ଜାଗା ଖୋଜାଖୋଜି କରିବା ସହିତ ବିଦ୍ୟାଳୟ ନିକଟସ୍ଥ ପୋଖରୀକୁ ଝାଡ଼ା ଯାଇଥିବା ସନ୍ଦେହ କରି ଦମକଳ ବାହିନୀକୁ ଖବର ଦିଆଯାଇଥିଲା । ଖବର ପାଇ ଦମକଳ ବାହୀନୀ କର୍ମଚାରୀମାନେ ଦୀର୍ଘ ୨ ଘଂଟା ପୋଖରୀରେ ଖୋଜାଖୋଜି କରିବା ପରେ କିଛି ମିଳିନଥିଲା । ବୁଧବାର ସକାଳୁ ଗ୍ରାମର ମଙ୍ଗଳା ମନ୍ଦିର ନିକଟସ୍ଥ କୂଅରେ ମୃତ ଦେହ ପଡ଼ିଥିବାର ଖବର ପାଇ ପରିବାର ଲୋକ କୂଅ ଭିତରୁ ଭୋଳାନାଥକୁ ଉଦ୍ଧାର କରିଥିଲେ । ତାର ଡାହାଣପାଖ କାନରୁ ରକ୍ତ ବାହାରୁଥିବା ନେଇ ତାକୁ କେହି ହତ୍ୟା କରିଥିବା ସନ୍ଦେହ କରିଥିଲେ ।ପରେ ତାକୁ ଆଣି ଗଣିଆ ବଜାରସ୍ଥିତ ରାସ୍ତା ଉପରେ ରଖି ଗଣିଆ-କଂଟିଲୋ ଓ ଗଣିଆ-ଦଶପଲା ରାସ୍ତାକୁ ଅବରୋଧ କରିଥିଲେ । ଘଟଣାସ୍ଥଳରେ ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ୍, ଏସଡିପିଓ ମଦନମୋହନ ପ୍ରଧାନ, ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏସଆଇ ଶ୍ୟାମସୁନ୍ଦର ପ୍ରଧାନଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ଉପସ୍ଥିଥିଲେ । ପରେ ଏସଡିପିଓ ପରିବାରଙ୍କୁ ବୁଝାସୁଝା କରିବା ପରେ ଶବ ବ୍ୟବଛେଦ ପାଇଁ ପଠାଯାଇ ରାସ୍ତା ରୋକକୁ ହଟାଯାଇଥିଲା । ପରେ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଟଂଫିକ ଟିମ ପଂହଚି ତଦନ୍ତ ଜାରି ରଖିଛନ୍ତି । ଖବର ପାଇ ଘଟଣାସ୍ଥଳରେ ଜିଲା ଶିକ୍ଷା ଅଧିକାରୀ ଚିତରଂଜନ ପାଣ୍ଡେ ଓ ବ୍ଲକ ଶିକ୍ଷା ଅଧିକାରୀ ଲିପ୍ସା ନନ୍ଦ ପଂହଚି ତଦନ୍ତ କରି ଶିକ୍ଷୟତ୍ରୀ ମନୀଷା ସେନାପତି ଓ ଶୈଳବାଳା ଦେଇଙ୍କୁ ନିଲମ୍ବିତ କରିଥିବାବେଳେ ଉତ୍ୟୋକ୍ତ ଗ୍ରାମବାସୀମାନେ ବିଦ୍ୟାଳୟକୁ ତାଲା ପକାଇ ଦେଇଥିଲେ । ତେବେ ସୁଚନା ଥାଉକି ବିଦ୍ୟାଳୟରେ ସରକାର ପାଇଖାନା ନିର୍ମାଣ କରିଥିବା ବେଳେ ମୃତ ଛାତ୍ରଙ୍କୁ ସଂପୃକ୍ତ ଶିକ୍ଷୟତ୍ରୀ କିଭଳି ଶୌଚପାଇଁ ବାହାରକୁ ଛାଡ଼ିଥିଲେ । ତାହା ସଂପୃକ୍ତ ଶିକ୍ଷୟତ୍ରୀଙ୍କର ସଂପୁର୍ଣ୍ଣ ଦାୟିତ୍ୱହୀନତା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତଦନ୍ତ ସଂପର୍କରେ ଏସଡିପିଓ ଶ୍ରୀଯୁକ୍ତ ପ୍ରଧାନଙ୍କୁ ପଚାରିବାରୁ ପୋଲିସ ସବୁ ଦିଗକୁ ନେଇ ତଦନ୍ତ କରୁଛି । ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି କହିଛନ୍ତି ।

## ୩୮ ତମ ଜିଲ୍ଲା ସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ୍ କ୍ୟାମ୍ପୋରୀ ଉଦଘାଟିତ

କେନ୍ଦୁଝର,(ମହାଭାରତ): ପିଏମ୍ ଶ୍ରୀ ସ୍ୱେ ଭଞ୍ଜ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ,ପଳାଶପଙ୍ଗା ଠାରେ ୩୮ ତମ ଜିଲ୍ଲା ସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରୀ ଉଦଘାଟିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କ୍ୟାମ୍ପୋରୀରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇ ସ୍କାଉଟ୍ ଓ ଗାଇଡ୍ ମାନଙ୍କୁ ସମାଜର କଲ୍ୟାଣମୂଳକ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଛାତ୍ର ଛାତ୍ରୀମାନଙ୍କୁ ଭଲ ମଣିଷ ହେବା ନିମନ୍ତେ ପରାମର୍ଶ ଦେଇଥିଲେ ।ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କ୍ୟାମ୍ପୋରୀରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ,ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓଁକାର ଅନେ୍ୱଷ,ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାସ,ଜିଲ୍ଲା କମିଶନର ସ୍କାଉଟ୍ ସୁଶୀଳ କୁମାର ନାୟକ,ଜିଲ୍ଲା କମିଶନର ଗାଇଡ୍ ସନ୍ତୋଷିନୀ ସେଠୀ ଯୋଗ ଦେଇ ସ୍କାଉଟ୍ ଏବଂ ଗାଇଡ୍ ମାନଙ୍କୁ ଉତ୍ସାହିତ କରିଥିଲେ ।ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୬୦୦ ଜଣ ସ୍କାଉଟ୍,ଗାଇଡ୍,ସ୍କାଉଟ୍ ମାଷ୍ଟର,ଗାଇଡ୍ କ୍ୟାପଟେନ ଯୋଗ ଦେଇଥିଲେ ।କ୍ୟାମ୍ପୋରୀ ପରିଚାଳନାରେ ପ୍ରଫୁଲ୍ଲ ଚନ୍ଦ୍ର ଘୋଷ,ଫକୀର ମୋହନ



ମହାନ୍ତ,ଦେବୀଦାସ ପଣ୍ଡା,ସଚ୍ଚିଦାନନ୍ଦ ମହାନ୍ତ,ମୌଳିନ୍ଦୁ ମହାନ୍ତ,ପ୍ରଶାନ୍ତ କୁମାର ପରିଡ଼ା,ରଞ୍ଜନ କୁମାର ମହାନ୍ତ,ସଂଯୁକ୍ତା ନାଥ ତଥା ପିଏମ୍ ଶ୍ରୀ ସ୍ୱଭଞ୍ଜ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପଳାଶପଙ୍ଗାର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ,ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।ଶେଷରେ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାବା ପାତଳେଶ୍ୱର ଶିବ ମନ୍ଦିରର ରତ୍ନମୁଦ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମିରିଗିଖୋଜି ପଞ୍ଚାୟତର ମିରିଗିଖୋଜି ବାବା ପାତଳେଶ୍ୱର ଶିବ ମନ୍ଦିର ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ରତ୍ନମୁଦ କାର୍ଯ୍ୟକ୍ରମ କୁ ପୁରୋହିତ ଭାବେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ,ନିରଞ୍ଜନ କର ଓ ଚୁଡେଶ୍ୱର ଦାଶ ପୂଜା ଅର୍ଚ୍ଚନା କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ମିରିଗିଖୋଜି ପଞ୍ଚାୟତର ବହୁ ସଂଖ୍ୟକ ଗ୍ରାମବାସୀ ଙ୍କ ସମାଗମ ହୋଇଛନ୍ତି । ବାବା ପାତଳେଶ୍ୱର ଶିବ ମନ୍ଦିରର ରତ୍ନମୁଦ ରେ ମିରିଗିଖୋଜି ସରପଞ୍ଚ ମନମୋହନ ବେହେରା ଙ୍କ ସହ ଦୟାନିଧି ପଲେଇ,ସୁବାଷ ଚନ୍ଦ୍ର ପଲେଇ,ମହେଶ୍ୱର ମହାନ୍ତ,ବିରଞ୍ଚି ପଲେଇ,କେଶବ ଚନ୍ଦ୍ର ମହାନ୍ତ, କୈଳାସ ଚନ୍ଦ୍ର ମହାନ୍ତ, କାଳନ୍ଦି ସେଠୀ,ଦୁଲିଆ ସେଠୀ,ଗୌତମ ବେହେରା,କେଶବ ପଲେଇ,ଉପେନ୍ଦ୍ର ମହାନ୍ତ,ସାନ୍ତୁନୁ ନାଏକ ଙ୍କ ସହଯୋଗ ରେ କାର୍ଯ୍ୟକ୍ରମ ସମାପ୍ତ ହୋଇ ଛି ।

## ଚହକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବାର୍ଷିକ ଉତ୍ସବ ପାଳିତ

ଗୋଲାମୁଣ୍ଡା ,(ମହାଭାରତ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚହକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକତ୍ରି କରଣ ସମର୍ପଣ ଦିବସ ଓ ବାର୍ଷିକ ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ଆରମ୍ଭରେ ମା' ସରସ୍ତୀଙ୍କ ନିକଟରେ ଦୀପ ପ୍ରଜ୍ଜ୍ୱଳନ କରାଯାଇ ବନ୍ଦନା ଗାନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗ ଦେଇଥିବା ବେଳେ , ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରାର୍ଥି ତଥା ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ମନୋଜ ମେହେର , ଚହକା ପଞ୍ଚାୟତ ସରପଞ୍ଚ ହେମବନ୍ତି ବାଗ , ବିଜେପି କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ , ପୂର୍ବତନ ସ୍ଥାନୀୟ ସରପଞ୍ଚ ଦନାର ବାଗ ,ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ , ବିଜେପି କେଗାଁ ମଣ୍ଡଳ ସାଧାରଣ ସମ୍ପାଦକ ଜୟନ୍ତ କୁମାର ସିଂ ଓ ମନୋଜ ଅଗ୍ରୱାଲ,ପୂର୍ବତନ ଶିକ୍ଷକ କୃଷ୍ଣଚନ୍ଦ୍ର ବିଶ୍ୱାଳ , ଶିଶୁ ବିଦ୍ୟା ମନ୍ଦିରର ସଭାପତି ବିଭୂତି ଭୂଷଣ ବିଶ୍ୱାଳ ,ଶିଶୁ ବିଦ୍ୟା ମନ୍ଦିରର ଉପସଭାପତି ଦୁଲମଣି ପଟେଲ ପରିଚାଳନା କମିଟିର ମୁଖ୍ୟ ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଅତୁଲ୍ୟ ନାୟକ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ମୁଖ୍ୟ ଅତିଥି ଓ ସ୍ୱତନ୍ତ୍ର ଅତିଥି ଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇ ସମ୍ମାନିତ କରାଯାଇଥିଲା ।

## ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀକ୍ଷା ବୈଠକ

ଭବାନୀପାଟଣା, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, କଳାହାଣ୍ଡି ଦ୍ୱାରା ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ - ଶିକ୍ଷୟିତ୍ରୀ ଙ୍କୁ ନେଇ ଭବାନୀପାଟଣା ଟାଉନ୍ ହଲ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛାତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ୍ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ବୈଠକରେ ଆସନ୍ତା ମାଟ୍ରିକ ପରୀକ୍ଷା ରେ ଉତ୍ତମ ଫଳାଫଳ, ବିଦ୍ୟାଳୟ ସୁପରିଚାଳନା, ଆକାଂକ୍ଷୀ ପାଠ୍ୟକ୍ରମ, ମଧ୍ୟାହ୍ନ ଭୋଜନ ସୁପରିଚାଳନା, ଆର୍ଥିକ ପରିଚାଳନା , ୟୁଡ଼ାଇସ ପ୍ଲସ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପରୀକ୍ଷା, ନୂତନ ପାଠ୍ୟ ପୁସ୍ତକ, ନୂତନ ଶିକ୍ଷା ବର୍ଷର କାର୍ଯ୍ୟ ଖସଡ଼ା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ଏହି ଅବସରରେ ସମଗ୍ର ଶିକ୍ଷା କଳାହାଣ୍ଡି ର ମୁଖପତ୍ର ତଥା ଶିକ୍ଷା ସମ୍ବାଦ ବାହିକା ମାଣିକ୍ୟ ପ୍ରଭା ପତ୍ରିକାର ଶୁଭ ଉନ୍ମୋଚନ କରାଯାଇଥିଲା । ଜିଲ୍ଲା ଗଣନାଥପୁର ପ୍ରଧାନଶିକ୍ଷକ ପ୍ରଦୀପ ନେଗି, କୁଲିହାରୀ ପ୍ରଧାନଶିକ୍ଷକ ବିଜୟ ପାଢ଼ୀ, ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ ନାର୍ଲା ରୋଡ଼ ପ୍ରଧାନଶିକ୍ଷକ ସନ୍ତୋଷ କୁମାର କର ନିଜ ବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନ ଓ ଫଳାଫଳ ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ । ଜିଲ୍ଲା ସାଧନ ଶିକ୍ଷକ ଶିକ୍ଷୟିତ୍ରୀ ବିଜୟାନନ୍ଦ ହୋତା, ଶ୍ୟାମ ସୁନ୍ଦର ପଣ୍ଡା, ସରସ୍ୱତୀ ସାହୁ, ସ୍ନିଗ୍ଧାଳିନା ସାହୁ, ଯୁଧିଷ୍ଠିର ମୁଦୁଲି, ମୃତ୍ୟୁଞ୍ଜୟ ପତି, ପ୍ରଜ୍ଞା ଶତପଥି, ସ୍ୱେତାଳିନ ପ୍ରଧାନ, ସରସ୍ୱତୀ ବେହେରା, ମନୋଜ ପଣ୍ଡା, ବିନୋଦ ବାତ୍ରା , ବାପାଙ୍ଗି ପ୍ରଧାନ ଓ ଈଶ୍ୱର ବେହେରା, ଜିଲ୍ଲା ପ୍ରାଥମିକ ଶିକ୍ଷା ତାଲିମ ଅନୁଷ୍ଠାନ ପ୍ରମୁଖ ପାଠ୍ୟ ବିଷୟ ବସ୍ତୁ ଉପରେ ଛାତ୍ରଛାତ୍ରୀ ମାନେ କିପରି ଅଧିକ ମାର୍କ ରଖି ପାରିବେ, ସେ ସମ୍ପର୍କରେ ନିଜ ଅଭିଜ୍ଞତା ବିନିମୟ କରିଥିଲେ ।

## ପରମାନନ୍ଦ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକାଙ୍କ ଆତ୍ମହତ୍ୟା

ବୋଲଗଡ଼,:ବୋଲଗଡ଼ ସଦରସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକାଙ୍କ ମୃତ ଦେହକୁ ରବିବାର ସକାଳ ବୋଲଗଡ଼ ଥାନା ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା କେସ ନଂ ୨/୨୬ ରୁଜ୍ଜୁ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଘଟଣାକ୍ରମେ ବଡ଼କୁମାରୀ ପଂଚାୟତ ହାଟବସ୍ତ ଗ୍ରାମର ନୀଳମଣି ଗଜେନ୍ଦ୍ରଙ୍କ ଝିଅ ବର୍ଷାରାଣୀ ।ଗଜେନ୍ଦ୍ର(୨୯) ପରମାନନ୍ଦ ମହାବିଦ୍ୟାଳୟରେ । ଏସଏସବି କ୍ୟାଡର(ଜୁନିଅର) ଓଡ଼ିଆ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିଲେ । ଅଧ୍ୟାପିକା ସୁଶ୍ରୀ ଗଜେନ୍ଦ୍ର ପୂର୍ବ ଦିନ ଅର୍ଥାତ ଶନିବାର ସମ୍ପୃକ୍ତ ମହାବିଦ୍ୟାଳୟର ଜୈନେକ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକାଙ୍କ ଅବସର ଗ୍ରହଣ ଭୋଜି ଭାତରେ ସହପାଠୀ ମାନଙ୍କ ସହିତ ଖୁସି ମନରେ ସାମିଲ ଥିଲେ ଓ ମାନସିକ ଅବସ୍ଥା ଭଲ ଥିଲା ବୋଲି ସହପାଠୀ ମାନେ ମତ ରଖିଛନ୍ତି । ସନ୍ଧ୍ୟା ପୂର୍ବରୁ ଅଧ୍ୟାପିକା ବର୍ଷା ରାଣୀ କଲେଜ ଠାରୁ ଅନୀତି ଦୂରରେ ଥିବା ଭଡା ଘରକୁ ଫେରି ଉପର ମହଲାରେ ରହୁଥିବା ଘରେ ରାତ୍ରିରେ ଶୋଇ ଥିଲେ । ତେବେ ସକାଳୁ ଘରର କବାଟ ନଖୋଲିବାରୁ ଘର ମାଲିକ ପୋଲିସକୁ ଖବର ଦେଇଥିଲେ । ପୋଲିସ ଆସି ଘରର କବାଟକୁ ଖୋଲି ଥିଲେ ଓ ଫ୍ୟାନରେ ଅଧ୍ୟାପିକା ବର୍ଷା ନିଜ ଚୁନୁରି ସାହାଯ୍ୟରେ ଝୁଲି ରହିଥିବା ଦେଖିବାକୁ ମିଳିଥିଲା ।ପରେ ପୋଲିସ ଶବକୁ ଉଦ୍ଧାର କରି ତଦନ୍ତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

## ଦଶପଲ୍ଲା ରେ ଓଡ଼ିଆ ଭାଷା, ସଂସ୍କୃତି ନିମନ୍ତେ ଅଭିଯାନ

ଦଶପଲ୍ଲା,(ମହାଭାରତ ): ଉତ୍କଳ ସମ୍ମିଳନୀ, ଦଶପଲ୍ଲା ଶାଖା ତରଫରୁ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଓ ସଂସ୍କୃତି ଜାଗରଣ ପାଇଁ ବୁଧବାର ଦିନ ସଚେତନତା ଧର୍ମୀ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କୃଷ୍ଣ ପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ଠାରୁ ଏହି ଶୋଭାଯାତ୍ରା ବାହାରି ତ୍ରିନାଥ ବଜ଼ାର, ଦୁର୍ଗା ବଜ଼ାର, ଲକ୍ଷ୍ମୀ ବଜ଼ାର ଓ ଗଣେଶ ବଜ଼ାର ପରିକ୍ରମା କରି ସଚେତନତା କରାଯାଇଥିଲା ।ମହିଳା ମହାବିଦ୍ୟାଳୟ ର ଅଧକ୍ଷା ପୂର୍ଣ୍ଣମାସୀ ଦେବୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିବା ବେଳେ ଉତ୍କଳ ସମ୍ମିଳନୀ ର ସଭାପତି ଡ଼ ବୈଦ୍ୟନାଥ ସାହୁ ଓ କେନ୍ଦ୍ରୀୟ ସମ୍ପାଦକ ପ୍ରଶାନ୍ତ ସାହୁ ଉପସ୍ଥିତ ଥିଲେ । ଶୋଭାଯାତ୍ରା ରେ ମହିଳା ମହାବିଦ୍ୟାଳୟ ର ଛାତ୍ରୀ, ପିଏମଶ୍ରୀ ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ, ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ ।ଏଥିସହିତ ଶିକ୍ଷାବିତ ପ୍ରଫୁଲ୍ଲ ମିଶ୍ର, ଗାଳ୍ପିକ ହାଡିବନ୍ଧୁ ମହାକୁଡ଼, ପ୍ରଧାନ ଶିକ୍ଷକ ଦିଲ୍ଲୀପ ନାୟକ,ସୁବାଷ ପ୍ରଧାନ ପ୍ରମୁଖ ଉଦବୋଧନ ଦେଇଥିବା ବେଳେ ଶୋଭାଯାତ୍ରା କୁ ଅଧ୍ୟାପକ ଧିରେନ ମହାରଣା ପରିଚାଳନା କରିଥିଲେ । ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସୀତାରାମ ୟୁଥ କ୍ଲବ, ବିବେକାନନ୍ଦ ପଠନ କେନ୍ଦ୍ର ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ବିଶେଷ ସହଯୋଗ କରିଥିଲେ ।

## ଏମ୍‌ଏସ୍ ପୁର ଠାରେ ବିଶ୍ୱ କର୍କଟ ଦିବସ ସଚେତନତା କାର୍ଯ୍ୟକ୍ରମ



ଗଜପତି(ମହାଭାରତ): ବିଶ୍ୱ କର୍କଟ ଦିବସ ଉପଲକ୍ଷେ, ୨୦୨୬ ମସିହା ଫେବୃଆରୀ ୪ ତାରିଖ ସକାଳ ୧୦ଟା ସମୟରେ ଏମ୍‌ଏସ୍ ପୁର ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍କଟ ରୋଗର ନିରାକରଣ, ପ୍ରାଥମିକ ଚିହ୍ନଟ ଏବଂ ରୋଗୀ ଓ କର୍କଟ ବିଜୟୀଙ୍କୁ ସହଯୋଗ କରିବା ବିଷୟରେ ଜ୍ଞାନ ବିସ୍ତାର କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ।ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ସଂଯୋଜିକା ଟି. ସୁନୀତା ଏବଂ ଫ୍ୟାକଲ୍ଟି ସଂଯୋଜିକା ଶୁଭଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ ଅନ୍ୟ ଅଂଶଗ୍ରହଣକାରୀମାନେ ଏଥିରେ ସକ୍ରିୟ ଭାବେ ଭାଗ ନେଇ କାର୍ଯ୍ୟକ୍ରମଟିକୁ ଶିକ୍ଷଣୀୟ ଓ ପ୍ରେରଣାଦାୟକ କରିଥିଲେ ।କାର୍ଯ୍ୟକ୍ରମର ଆରମ୍ଭରେ ଏକ ପୋଷ୍ଟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀମାନେ କର୍କଟ ରୋଗର କାରଣ, ପ୍ରତିଷେଧକ ବ୍ୟବସ୍ଥା ଏବଂ ଉପଲବ୍ଧ ଚିକିତ୍ସା ପଦ୍ଧତି ସମ୍ପର୍କିତ ସୃଜନଶୀଳ ପୋଷ୍ଟର ପ୍ରଦର୍ଶନ କରିଥିଲେ। ଏହା ପରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା, ଯାହା ମାଧ୍ୟମରେ ରୋଗର ଶୀଘ୍ର ଚିହ୍ନଟ ଏବଂ ରୋଗୀଙ୍କୁ ମାନସିକ ସାହାଯ୍ୟ ପ୍ରଦାନର ଗୁରୁତ୍ୱକୁ ଖୁବ୍ ସୁନ୍ଦର ଭାବେ ବୁଝାଯାଇଥିଲା ।

ଏହି ଅବସରରେ ଏକ 'କର୍କଟ ସଚେତନତା ଶପଥ' ପାଠ କରାଯାଇଥିଲା, ଯେଉଁଥିରେ ସମସ୍ତେ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବା ଏବଂ ସମାଜରେ କର୍କଟ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଶପଥ ନେଇଥିଲେ ।ପରେ ଜଣେ ବିଶେଷଜ୍ଞ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆଲୋଚନା ମାଧ୍ୟମରେ କର୍କଟ ନିରାକରଣ, ଏହାର ପ୍ରାଥମିକ ଲକ୍ଷଣ ଏବଂ ଆଧୁନିକ ଚିକିତ୍ସା ପଦ୍ଧତିରେ ହୋଇଥିବା ଅଗ୍ରଗତି ବିଷୟରେ ବୁଝାଇଥିଲେ ।କାର୍ଯ୍ୟକ୍ରମର ସବୁଠାରୁ ହୃଦୟସ୍ପର୍ଶୀ ଅଂଶ ଥିଲା ଜୀବନର ଅନୁଭୂତି ବାଣ୍ଟିବା ସେସନ୍, ଯେଉଁଥିରେ ଜଣେ କର୍କଟ ବିଜୟୀ ନିଜ ସଂଘର୍ଷର କାହାଣୀ ବର୍ଣ୍ଣନା କରି ସମସ୍ତଙ୍କ ମଧ୍ୟରେ ଆଶା, ସାହସ ଏବଂ ଶକ୍ତିର ବାର୍ତ୍ତା ଦେଇଥିଲେ ।ଏହି କାର୍ଯ୍ୟକ୍ରମଟି ସଫଳତାର ସହ ସଚେତନତା ସୃଷ୍ଟି କରିବା ସହିତ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଏବଂ କର୍କଟ ଆକ୍ରାନ୍ତଙ୍କୁ ସାହାଯ୍ୟ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲା ।

## ଲିବିୟା ପୂର୍ବତନ ଏକଛତ୍ରବାଦୀ କର୍ଣ୍ଣେଲ ମୁଅମ୍ମର ଗଦ୍ଦାଫିଙ୍କ ପୁଅ ସୈଫଙ୍କୁ ଗୁଳି କରି ହତ୍ୟା



ନୂଆଦିଲ୍ଲୀ : ଲିବିୟା ପୂର୍ବତନ ଏକଛତ୍ରବାଦୀ କର୍ଣ୍ଣେଲ ମୁଅମ୍ମର ଗଦ୍ଦାଫିଙ୍କ ପୁଅ ସୈଫ ଅଲ-ଇସଲାମ ଗଦ୍ଦାଫିଙ୍କୁ ହତ୍ୟା । ସୈଫ ଅଲ୍ ଗଦ୍ଦାଫିଙ୍କୁ ତାଙ୍କ ଘରେ ପଶି ୪ ମୁଖା ପିନ୍ଧା ଦୁର୍ବୃତ୍ତ ହତ୍ୟା କରିଥିବା ସୂଚନା ମିଳିଛି । ୫୩ ବର୍ଷୀୟ ସୈଫ ଅଲ୍ ଗଦ୍ଦାଫିଙ୍କୁ ଗୁଳି କରି ହତ୍ୟା କରିଛନ୍ତି ଦୁର୍ବୃତ୍ତ । ୨୦୧୧ ବିଦ୍ରୋହ ପରେ ସୈଫଙ୍କୁ ଗିରଫ କରାଯାଇ ଅଟକ ରଖାଯାଇଥିଲା ଏବଂ ଯୁଦ୍ଧ ଅପରାଧ ପାଇଁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପଶ୍ଚିମ ଲିବିୟାର ଜିନ୍ତାନ ସହରସ୍ଥିତ ତାଙ୍କ ବାସଭବନରରେ ୪ ଜଣ କମାଣ୍ଡୋ ୟୁନିଟ୍ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି । ଜିନ୍ତାନ ରାଜଧାନୀ ତ୍ରିପୋଲିରୁ ପ୍ରାୟ ୧୩୬ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । ସୈଫ୍ ଅଲ୍-ଇସଲାମ ଗଦ୍ଦାଫି ପୂର୍ବତନ ଲିବିଆନ୍ ଏକଛତ୍ରବାଦୀ କର୍ଣ୍ଣେଲ ମୁଅମ୍ମର ଗଦ୍ଦାଫିଙ୍କ ପୁଅ । ୫୩ ବର୍ଷୀୟ ସୈଫ୍ ଅଲ୍-ଇସଲାମ ଗଦ୍ଦାଫିଙ୍କୁ ତାଙ୍କ ପିତା ମୁଅମ୍ମର ଗଦ୍ଦାଫିଙ୍କ ହତ୍ୟା ପରଠାରୁ ତାଙ୍କର ସମ୍ଭାବ୍ୟ ଉତ୍ତରାଧିକାରୀ ଭାବରେ ବିବେଚନା କରାଯାଉଥିଲା ।

## ତୁର୍କୀ ବିମାନ ଇଂଜିନରେ ନିଆଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ




କୋଲକତା : କୋଲକତା ଏୟାରପୋର୍ଟରେ ତୁର୍କୀ ବିମାନର ଜରୁରୀ ଅବତରଣ । ଇଂଜିନରେ ନିଆଁ ଦେଖିବା ପରେ ବିମାନଟି ଜରୁରୀ ଅବତରଣ କରିଥିଲା । କାଠମାଣ୍ଡୁରୁ ଇସ୍ତାନବୁଲ ଯାଉଥିବା ତୁର୍କୀ ଏୟାରଲାଇନ୍ସର ବିମାନ ୭୨୭ କୋଲକତା ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା । ବିମାନର ପାଇଲଟ କୋଲକତା ଏଟିସିକୁ ବିମାନ ଇଂଜିନରେ ନିଆଁ ଲାଗିଥିବା ଖବର ଦେଇଥିଲେ । ବିମାନଟି ୨.୪୯ରେ କୋଲକତା ଏନଏସସିବିଆଇ ଏୟାରପୋର୍ଟରେ ଅବତରଣ କରିଥିଲା । ବିମାନରେ ୨୩୬ ଯାତ୍ରୀ ରହିଥିଲେ । କୋଲକତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଇଣ୍ଟରନ୍ୟାସନାଲ ଏୟାରପୋର୍ଟର ନିର୍ଦ୍ଦେଶକ କହିଛନ୍ତି, ବିମାନ ଏବେ କୋଲକତା ଏୟାରପୋର୍ଟରେ ରହିଛି । ଏହାର ନୀରିକ୍ଷଣ ଜାରି ରହିଛି । ତୁର୍କୀ ଏୟାରଲାଇନ୍ସର ବିମାନର ଇଂଜିନରେ ନିଆଁ ଦେଖିବା କାରଣରୁ କୋଲକତା ଏୟାରପୋର୍ଟରେ ଜରୁରୀ ଅବତରଣ କରିଥିଲା । ବିମାନଟି କାଠମାଣ୍ଡୁରୁ ଇସ୍ତାନବୁଲ ଯାଉଥିଲା । ଟିକେ-୭୨୭ ନମ୍ବର ବିଶିଷ୍ଟ ତୁର୍କୀସ୍ ଏୟାରଲାଇନ୍ସ ଏହି ବିମାନଟି ଉଡ଼ାଣ ଆରମ୍ଭ ହେବାର ଚାରି ମିନିଟ୍ ମଧ୍ୟରେ ନିଆଁ ଲାଗିଯାଇଥିଲା । ତେବେ ବର୍ତ୍ତମାନ ବିମାନର ଯାଞ୍ଚ ଚାଲିଛି । ସମସ୍ତ ୨୩୬ ଯାତ୍ରୀ ଅପେକ୍ଷା କରି ରହିଛନ୍ତି । ବିମାନ ଠିକ୍ ହେବା ପରେ ଗନ୍ତବ୍ୟ ସ୍ଥାନକୁ ଉଡ଼ାଣ ଭରିବ ବୋଲି କୋଲକତା ବିମାନବନ୍ଦରର ନିର୍ଦ୍ଦେଶକ କହିଛନ୍ତି ।

## ଜମ୍ମୁ କଶ୍ମୀରରେ ସୁରକ୍ଷାକର୍ମୀ-ଆତଙ୍କୀ ଗୁଳି ବିନିମୟ, ଟଳିଲେ ୨ ଆତଙ୍କୀ



ଜମ୍ମୁ କଶ୍ମୀର : ଜମ୍ମୁ-କଶ୍ମୀରରେ ଏନକାଉଣ୍ଟର । ସୁରକ୍ଷାକର୍ମୀଙ୍କ ଗୁଳିଲେ ଟଳିଲେ ୨ ଆତଙ୍କୀ । ଜମ୍ମୁ-କଶ୍ମୀର ଉଦ୍ଧମପୁରର ବସନ୍ତଗଡ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚି ରହିଥିବା ଖବର ମିଳିଥିଲା । ଏହାପରେ ଜମ୍ମୁ-କଶ୍ମୀର ପୋଲିସ, ସିଆରପିଏଫ ଏବଂ ସେନା ପକ୍ଷରୁ ଜଏଣ୍ଟ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଜଙ୍ଗଲରେ ଲୁଚି ରହିଥିବା ଆତଙ୍କୀ ପ୍ରଥମେ ସେନା ଉପରକୁ ଗୁଳି ଚାଳନା କରିଥିଲେ । ସେନାର ପ୍ରତି ଆକ୍ରମଣରେ ଦୁଇ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡ଼ିଛି । ଏହି ଦୁଇ ଆତଙ୍କୀ ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦ ହୋଇଥିବା ଜଣାପଡ଼ିଛି । ସେମାନଙ୍କ ନିକଟରୁ ଏକେ-୪୭ ଓ ଏମ୪ ଜବତ ହୋଇଛି । ଏବେବି ସର୍ଚ୍ଚ ଅପରେସନ ଜାରି ରହିଛି । ଅପରେସନ କିୟା ଜରିଆରେ ୨ ଆତଙ୍କୀଙ୍କୁ ନିହତ କରାଯାଇଛି । ଏହାପୂର୍ବରୁ ୩୧ ଜାନୁଆରୀରେ ଭାରତୀୟ ସେନାର ହ୍ୱାଇଟ ନାଇଟ କୌର, ଜମ୍ମୁ ଓ କଶ୍ମୀର ପୋଲିସ ଏବଂ ସିଆରପିଏଫ ପକ୍ଷରୁ ଆତଙ୍କବାଦୀ ବିରୋଧୀ ଅଭିଯାନ ତ୍ରାଶୀ ଜରିଆରେ ଡୋଲଗାମରେ ଅଭିଯାନ ଆରମ୍ଭ କରାଯାଇଥିଲା ।

# ଆମେରିକାଠୁ ତେଲ କିଣିବା ପ୍ରସଙ୍ଗରେ ଭାରତକୁ ରୁଷର ସମର୍ଥନ




ମସ୍କୋ : ରଷଠୁ ଭାରତ ଆଉ ତୈଳ କ୍ରୟ କରିବ ନାହିଁ, ଆମେରିକାଠୁ ତେଲ କିଣିବ ଭାରତ । ଆମେରିକା ସହ ଭାରତର ବାଣିଜ୍ୟ ଚୁକ୍ତି ପରେ କିଛି ଏହିଭଳି ଦାବି ଉଠାଇଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଟ୍ରମ୍ପଙ୍କ ଏହି ବୟାନ ପରେ ସମସ୍ତଙ୍କ ନଜର ମସ୍କୋ ଉପରେ ରହିଥିଲା । ପ୍ରଶ୍ନ ଉଠୁଥିଲା କି, କଣ ରଷ-ଭାରତ ସମ୍ପର୍କରେ ଫାଟ ସୃଷ୍ଟି ହେବ ? ନା ଆମେରିକା ଚାପରେ ଆସି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ପୁରୁଣା ବନ୍ଧୁଙ୍କ ହାତ ଛାଡ଼ିଦେଲେ ? ଏଭଳି ଅନେକ ପ୍ରଶ୍ନ ଉପୁଜୁଥିବାବେଳେ ବୁଧବାର ରୁଷ ତରଫରୁ ଯେଉଁ ବୟାନ ଆସିଛି, ତାହା ସବୁ ପ୍ରଶ୍ନ ଉପରେ ପୂର୍ଣ୍ଣଛେଦ ପକାଇଦେଇଛି । ରୁଷ ସ୍ପଷ୍ଟ କରି କହିଛି, ଯଦି ତେଲ କିଣିବା ପାଇଁ ଭାରତ କୌଣସି ବିକଳ୍ପ ଆପଣାଉଛି ତାହେଲେ ଏଥିରେ କୌଣସି ଆପତ୍ତି ନାହିଁ, କି ଏହା କୌଣସି ନୂଆ କଥା ବି ନୁହେଁ। କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସକୋଭ୍ ବୁଧବାର ଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'କେବଳ ଆମେ ନୁହେଁ, ବରଂ ଆନ୍ତର୍ଜାତୀୟ ଶକ୍ତି ପ୍ରସଙ୍ଗରେ ସମସ୍ତ ବିଶେଷଜ୍ଞ ଭଲ ଭାବରେ ଜାଣନ୍ତି ଯେ ରୁଷ ଭାରତକୁ ତୈଳ ଓ ପେଟ୍ରୋଲିୟମ ଉତ୍ପାଦର ଏକମାତ୍ର ଯୋଗାଣକାରୀ ନୁହେଁ। ଭାରତ ସବୁବେଳେ ଏହି ଉତ୍ପାଦଗୁଡ଼ିକୁ ଅନ୍ୟ ଦେଶଗୁଡ଼ିକରୁ ମଧ୍ୟ କିଣିଛି। ତେଣୁ, ଆମେ ଏଥିରେ କିଛି ନୂଆ କଥା ଦେଖୁନାହୁଁ।' ତେବେ ରୁଷର ଏହି ବୟାନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନୀତିକୁ ମୋହର ଲଗାଇଲା ଭଳି ମନେ ହେଉଛି। ରୁଷ ଏହା ସ୍ୱୀକାର କରିଛି ଯେ ଭାରତ ଭଳି ଏକ ବିଶାଳ ଦେଶ କୌଣସି ଗୋଟିଏ ଦେଶ ଉପରେ ନିର୍ଭର କରିପାରିବ ନାହିଁ।

ରୁଷର ପ୍ରତିକ୍ରିୟା ଗୁରୁତ୍ୱପୂର୍ଣ୍ଣ କାହିଁକି ?:
୧. ରୁଷର ଏହି ବୟାନ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ, ଯେତେବେଳେ କୌଣସି ଦେଶ ତାର ସହଯୋଗୀ ଦେଶଠାରୁ ଦୂରେଇ ଯାଏ ଏବଂ ତା''ର ପ୍ରତିଦ୍ୱନ୍ଦ୍ୱୀ ଆମେରିକା ସହିତ ବାଣିଜ୍ୟ ବୃଦ୍ଧି କରେ, ସେତେବେଳେ ଉତ୍ତେଜନା ସୃଷ୍ଟି ହୁଏ, କିନ୍ତୁ ରୁଷର ପ୍ରତିକ୍ରିୟା ରୁଷ ଓ ଭାରତ ମଧ୍ୟରେ ଗଭୀର ବିଶ୍ୱାସକୁ ଦର୍ଶାଉଛି, ଏବଂ ମସ୍କୋ ବିଶ୍ୱାସ କରେ ଯେ ଭାରତ ଆମେରିକାର ଚାପ ଆଗରେ କେବେବି ନଇଁବ ନାହିଁ। ୨. ରୁଷ ଜାଣେ ଯେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଗ୍ରାହକ। ଭାରତର ଭୋକ ଏତେ ବିଶାଳ ଯେ କେବଳ ରୁଷ ଏହାକୁ ପୂରଣ କରିପାରିବ ନାହିଁ। ଯଦି ଭାରତ ଆମେରିକା କିମ୍ବା ଉପସାଗରୀୟ ଦେଶଗୁଡ଼ିକରୁ ତେଲ କିଣେ, ତେବେ ତାହା ଏକ ବଜାର ନିୟମ। ୩. ଟ୍ରମ୍ପ୍ ଏହା ଦେଖାଇବାକୁ ଚେଷ୍ଟା କରୁଛନ୍ତି କି, ସେ ଭାରତକୁ ରୁଷଠାରୁ ଅଲଗା କରିଦେଇଛନ୍ତି, କିନ୍ତୁ ଏଥିରେ କୌଣସି ବାସ୍ତବତା ନାହିଁ। ଭାରତ ଆମେରିକାଠୁ ତେଲ କିଣିବାରେ ବି କିଛି ସମସ୍ୟା ନାହିଁ। ରୁଷ ଏହାକୁ ଏକ ସାଧାରଣ ବ୍ୟବସାୟ ପ୍ରକ୍ରିୟା ବୋଲି ଭାବୁଛି। ଗତ ଦୁଇ ବର୍ଷ ମଧ୍ୟରେ, ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ, ଭାରତ ପାଶ୍ଚାତ୍ୟ ଧମକକୁ ଅଣଦେଖା କରି ରୁଷଠୁ ରେକର୍ଡ କମ ମୂଲ୍ୟରେ ତେଲ କିଣିଛି। ଯାହା ଭାରତର ଅର୍ଥନୀତିକୁ ମଜଭୂତ କରିବାରେ ସାହାୟକ ମଧ୍ୟ ହୋଇଛି। ବର୍ତ୍ତମାନ, ଯଦି ଭାରତ ଆମେରିକାଠୁ ତେଲ କିଣେ, ଏହା ଏକ ସନ୍ତୁଳନମୂଳକ ପଦକ୍ଷେପ ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୈଦେଶିକ ନୀତିର ମୂଳ ଉଦେଶ୍ୟ ହେଉଛି 'ପ୍ରଥମେ ରାଷ୍ଟ୍ର'। ଭାରତ ନା'ତ ଆମେରିକାର ଗୁଲାମ ନା ରଷର ଏକ ଗ୍ରାହକ। ଭାରତ ଏକ ସ୍ୱାଧୀନ ଶକ୍ତି। ଭାରତ ସେହି ବଜାରରୁ ସାମଗ୍ରୀ କିଣିବ ଯେଉଁଠାରେ ସେ ସର୍ବୋତ୍ତମ ଓ ଶସ୍ତା ଡିଲ୍ ପାଇବ।

## ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ, ୟୁମନମ ଖେମଚନ୍ଦ ସିଂହ ହେବେ ନୂଆ ମୁଖ୍ୟମନ୍ତ୍ରୀ



ମଣିପୁର : ମଣିପୁରରୁ ବର୍ଷେ ପରେ ରାଷ୍ଟ୍ରପତି ଶାସନ ହଟିଛି । ଗତବର୍ଷ ୨୦୨୫ ଫେବ୍ରୁଆରୀରୁ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା । ରାଷ୍ଟ୍ରପତି ଶାସନ ଲାଗୁ ହେବା ପରେ ୬୦ ସଦସ୍ୟସୀୟ ବିଧାନସଭାକୁ ନିଲମ୍ବିତ କରାଯାଇଛି । ନବ ନିଯୁକ୍ତ ବିଜେପି ବିଧାୟକ ଦଳର ନେତା ୟୁମନମ ଖେମଚନ୍ଦ ସିଂହ ମଣିପୁର ଗଭର୍ଣ୍ଣର ଅଭୟ କୁମାର ଭଲ୍ଲାଙ୍କୁ ସରକାର ଗଠନ କରିବା ପାଇଁ ନିଜ ବାସଭବନକୁ ଡାକିଛନ୍ତି । ମଣିପୁରରେ ବର୍ତ୍ତମାନ ୩୭ ବିଧାୟକ ରହିଛନ୍ତି । ୨୦୨୨ରେ ବିଧାନସଭା ନିର୍ବାଚନରେ ବିଜେପିର ୩୨ ପ୍ରାର୍ଥୀ ଜିତିଥିଲେ । ଜେଡିୟୁ ୬ଟି ସିଟରେ ଜିତିଥିଲା । ଏଥିରୁ ୫ ଜଣ ବିଜେପିରେ ସାମିଲ ହୋଇଥିଲେ । ୟୁମନାମ ଖେମଚାନ୍ଦ ସିଂହଙ୍କୁ ମଣିପୁରରେ ଜଣେ ଅଭିଜ୍ଞ ଏବଂ ଶକ୍ତିଶାଳୀ ନେତା । ଏନ. ବୀରେନ ସିଂହଙ୍କ ସରକାରରେ, ଖେମଚାନ୍ଦ ସିଂହ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ । ବିଧାନସଭା ବାଚସ୍ପତି ଭାବରେ ତାଙ୍କର ନିରପେକ୍ଷ କାର୍ଯ୍ୟଶୈଳୀକୁ ନେଇ ଚର୍ଚ୍ଚାରେ ରହିଥିଲେ ।

ମଣିପୁରରେ ମେ' ମାସ ୨୦୨୩ରେ ହିଂସା ଆରମ୍ଭ ହୋଇଥିଲା, ଯେତେବେଳେ ଚୁରାଚାନ୍ଦପୁରରେ କୁକି ଓ ମୈତେଇ ସମ୍ପ୍ରଦାୟର ସଦସ୍ୟଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା । ସେବେଠାରୁ ମଣିପୁରରେ ହିଂସା ଜାରି ରହିଥିଲା । ଏହି ହିଂସା ମଧ୍ୟରେ, ଗତ ବର୍ଷ ମଣିପୁରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀରେନ ସିଂହ ଇସ୍ତଫା ଦେଇଥିଲେ। ଏହା ପରେ, ଫେବୃଆରୀ ୧୨ ତାରିଖରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା ।

## ଚଣ୍ଡୀଗଡ଼ ସଚିବାଳୟ ଏବଂ ଦିଲ୍ଲୀର ସ୍କୁଲକୁ ବୋମା ଧମକ

ଦିଲ୍ଲୀ/ଚଣ୍ଡୀଗଡ଼ : ଚଣ୍ଡୀଗଡ଼ ଏବଂ ଦିଲ୍ଲୀର କେତେକ ସ୍ଥାନରେ ବୋମା ଧମକ । ବୋମା ଧମକ ମିଳିବା ପରେ ଭୟଭୀତ ଲୋକ । ସୁରକ୍ଷା ଏଜେନ୍ସୀ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ । ବିଭିନ୍ନ ସ୍ଥାନରେ ମିଳିଥିବା ଧମକ ପରେ ସୁରକ୍ଷା ଏଜେନ୍ସୀ ଯାଞ୍ଚ କରୁଛି । ଚଣ୍ଡୀଗଡ଼ ହାଇ ସିକ୍ୟୁରଟି ସରକାରୀ ଅଞ୍ଚଳ ସ୍ଥିତ ହରିୟାଣା ସଚିବାଳୟର ଅଫିସିଆଲ ଇମେଲ ଆଇଡିରେ ଅଜଣା ଇମେଲ ଆସିଛି । ଇମେଲରେ ସଚିବାଳୟରେ ସମ୍ଭାବିତ ବିସ୍ଫୋରଣ ପାଇଁ ଚେତାବନୀ ଦିଆଯାଇଛି । ସୂଚନା ମିଳିବା ପରେ ଚଣ୍ଡୀଗଡ଼ ପୋଲିସ ସହିତ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସୀ ଏବଂ ସିଆଇଏସଏଫର ଯବାନ ଏବଂ ବୋମା ନିଷ୍କ୍ରିୟ ଟିମ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ସୁରକ୍ଷାକୁ ଦେଖି ସଚିବାଳୟର ପୁରା ବିଲିଡିଂକୁ ଖାଲି କରାଯାଇଥିଲା । କର୍ମଚାରୀମାନେ ବାହାରକୁ ଗଲା ପରେ ସୁରକ୍ଷା ଏଜେନ୍ସୀ ସଂପୂର୍ଣ୍ଣ ଯାଞ୍ଚ କରିଥିଲେ । ପ୍ରାରମ୍ଭିକ ଯାଞ୍ଚରୁ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା । ସେପଟେ ରାଜଧାନୀ ଦିଲ୍ଲୀରେ ମଧ୍ୟ ବୋମା ଧମକ । ଦିଲ୍ଲୀର ଅନେକ ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ଆମିଟି ଏବଂ ବିର୍ଲା ବିଦ୍ୟା ନିକେତନ ସ୍କୁଲ ମଧ୍ୟ ବୋମା ଧମକ ମିଳିଛି । ସୂଚନା ମିଳିବା ପରେ ଦିଲ୍ଲୀ ପ୍ରଶାସନ ଏବଂ ସ୍ଥାନୀ ପ୍ରଶାସନ ଆଲର୍ଟ ହୋଇଛି । ଧମକ ମିଳିବା ପରେ ସ୍କୁଲ ପରିସରକୁ ଖାଲି କରାଯାଇଛି । ପିଲାମାନଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି । ବୋମା ନିଷ୍କ୍ରିୟକାରୀ ଟିମ୍ ସ୍କୁଲରେ ସର୍ଚ୍ଚ ଅପରେସନ ଜାରି ରଖିଛି । ଯାଞ୍ଚ ପରେ ମଧ୍ୟରେ ସ୍କୁଲରେ କୌଣସି ବିସ୍ଫୋରକ ଜିନିଷ ମିଳିନଥିଲା । ଯାଞ୍ଚ ସମୟରେ ଲୋକମାନଙ୍କୁ ଶାନ୍ତି ରଖିବା ପାଇଁ ପୋଲିସ ଅପିଲ୍ କରିଛି ।

## ଅନଲାଇନ ଗେମ ପାଇଁ ଚାଲିଗଲା ୩ ଭଉଣୀଙ୍କ ଜୀବନ


ଗାଜିଆବାଦ : ଅନଲାଇନ ଗେମ ହେଲା କାଳ । ଜୀବନ ହାରିଲେ ୩ ନାବାଳିକା ଭଉଣୀ । ଗାଜିଆବାଦରରେ ୩ ନାବାଳିକା ଭଉଣୀଙ୍କ ୯ ମହଲା ବିଲଡିଂରୁ ଡେଇଁ ଜୀବନ ହାରିଛନ୍ତି । ସମସ୍ତେ କୋରିଆନ୍ ଅନଲାଇନ୍ ଗେମରେ ଆସକ୍ତ ଥିଲେ । ଗେମିଂ ନିଶା ଯୋଗୁଁ ସେମାନଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା । ଏପରିକି ନିୟମିତ ସ୍କୁଲ୍ ବି ଯାଉନଥିଲେ । ଅଭିଭାବକ ଅନଲାଇନ୍ ଗେମ୍ ଖେଳିବାକୁ ବାରଣ କରିବା ସହ ଗାଳିଗୁଲଜ କରିବାରୁ ସେମାନେ ଚରମ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି । ଏହାରି ମଧ୍ୟରେ ପୋଲିସ ଘଟଣାସ୍ଥଳରୁ ଏକ ନୋଟ୍ ଜବତ କରିଛି । ଏଥିରେ ମମି, ପାପା ସରି ବୋଲି ଲେଖାଯାଇଛି । ରିପୋର୍ଟ ଅନୁଯାୟୀ ସେମାନେ "କୋରିଏନ ଲଭର ନାମକ ଏକ ଟାସ୍କ-ଭିତ୍ତିକ ଆପ୍ ବ୍ୟବହାର କରୁଥିଲେ । ସମସ୍ତେ ଏକାଠି ବାଲକୋନିକୁ ପ୍ଲାଷ୍ଟିକ୍ ଚେୟାର ନେଇଥିଲେ। ପରସ୍ପରର ହାତ ଧରି ୯ମ ମହଲାରୁ ଡେଇଁଥିବା ଅନୁମାନ କରାଯାଉଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୋବାଇଲ୍ ଫୋନ୍‌କୁ ଯାଞ୍ଚ କରିବା ସହ ଘଟଣାର ତଦନ୍ତ କରୁଛି । ପୋଗା ୨୦୨୫ ନିୟମ ଅନୁସାରେ ଦେଶରେ ଟଙ୍କା ବାଜି ଲଗାଯାଉଥିବା ସମସ୍ତ ଅନଲାଇନ୍ ଗେମ୍ କୁ ବ୍ୟାନ୍ କରାଯାଇଛି । ନିୟମ ଉଲ୍ଲଂଘନ କଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି । ଗତ ଜାନୁଆରୀ ରେ ପ୍ରାୟ ୨୪୨ଟି ବେଆଇନ୍ ବେଟିଂ ୱେବସାଇଟ୍ କୁ ସରକାର ବନ୍ଦ କରିଛନ୍ତି ।

## ଓଲଟିଲା ଗ୍ୟାସ୍ ଟ୍ୟାଙ୍କର, ଗ୍ୟାସ୍ ଲିକ୍ ଯୋଗୁଁ ରାସ୍ତା ଜାମ



ପୁଣେ : ମୁମ୍ବାଇ-ପୁଣେ ଏକ୍ସପ୍ରେସ ୱେରେ ଓଡୋଶୀ ଟନେଲର ପ୍ରବେଶ ପଥରେ ଦୁର୍ଘଟଣା । ଏକ ଅତ୍ୟଧିକ ଦହନଶୀଳ ପ୍ରୋପଲିନ ଗ୍ୟାସ ଟ୍ୟାଙ୍କର ପଲଟିବା କାରଣରୁ ଗ୍ୟାସ୍ ଲିକ୍ ହେଉଛି । ସୁରକ୍ଷା କାରଣରୁ ହାଇୱେ ପୋଲିସ ମୁମ୍ବାଇ ଆଡୁ ଯାଉଥିବା ଗାଡ଼ିକୁ ବନ୍ଦ କରିଛି । ଫଳରେ ମୁମ୍ବାଇ-ପୁଣେ ଏକ୍ସପ୍ରେସୱେରେ ୧୫ ଘଣ୍ଟାରୁ ଅଧିକ ସମୟ ଯାତାୟତ ବାଧାପ୍ରାପ୍ତ ହୋଇଛି । ମୁମ୍ବାଇ ଆଡୁ ଯାଉଥିବା ରାସ୍ତାରେ ଗାଡ଼ି ଜାମ୍ ରହିଛି । ଗ୍ୟାସ୍ ଲିକ୍ ରୋକିବା ଯୋଗୁଁ ରାତିରେ ଏକ ବିଶେଷଜ୍ଞ ଟିମ ଚେଷ୍ଟା କରୁଛି, କିନ୍ତୁ ସଫଳତା ମିଳୁନାହିଁ । ଆଜି ସକାଳୁ ଗ୍ୟାସ ଲିକ୍ ରୋକିବା ପାଇଁ କାମ ଚାଲିଛି । କିଛି ଅଘଟଣକୁ ରୋକିବା ପାଇଁ ପୋଲିସ ପୂର୍ବରୁ ଯାତାୟତ ରୋକିଦେଇଛି । ମୁମ୍ବାଇକୁ ଯାଉଥିବା ଗାଡ଼ିଗୁଡିକୁ ଧୀରେ ଧୀରେ ପୁଣେ ଆଡକୁ ଡାଇଭର୍ଟ କରାଯାଇଛି । ତେବେ ଏହି କାରଣ ଯୋଗୁଁ ହାଇୱେରେ ଟ୍ରାଫିକ ଜାମ ଲାଗି ରହିଛି । ୧୫ ଘଣ୍ଟାରୁ ଅଧିକ ସମୟ ଯାତାୟତ ବାଧାପ୍ରାପ୍ତ ହୋଇଛି । ଏଥିପାଇଁ ଲୋକମାନେ ଅନେକ ସମସ୍ୟା ଭୋଗିଛନ୍ତି । ତେବେ ମଙ୍ଗଳବାର ସନ୍ଧ୍ୟାରୁ ଟ୍ରାଫିକ ଜାମ୍ ଆରମ୍ଭ ହୋଇଛି । ରାତି ଅଧରୁ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି । ୨୫ କିମିରୁ ଦୂର ଯାଏଁ ଲମ୍ବା ଲାଇନ ଲାଗିଛି ।

# ଶକ୍ତିଶାଳୀ ଦେଶର ଏଲିଟ୍ କ୍ଲବରେ ସାମିଲ ହେଲା ଭାରତ



ନୂଆଦିଲ୍ଲୀ : ଶତ୍ରୁ ଉପରେ ବିମାନ ଆକ୍ରମଣ ମାମଲାରେ ଭାରତ ଆହୁରି ଅଧିକ ଶକ୍ତିଶାଳୀ ହେବାକୁ ଯାଉଛି । ସୂଚନା ମୁତାବକ, ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆର୍‌ଡିଓ) ମଙ୍ଗଳବାର ରାମଜେଟ୍ (ଏସ୍‌ଡିଏଫ୍‌ଆର)ର ପରୀକ୍ଷା କରିଛି । ଏହା ସାହାଯ୍ୟରେ ଭାରତର ଦୂରଗାମୀ କ୍ଷେପଣାସ୍ତ୍ର ଅଧିକ ସଠିକ୍ ଲକ୍ଷ୍ୟକୁ ଭେଦ କରିବାରେ ସକ୍ଷମ ହେବ । ଓଡ଼ିଶା ଉପକୂଳ ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର)ରେ ଏହି ପରୀକ୍ଷଣ କରାଯାଇଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ କହିଛି । ରାମଜେଟ୍ ହେଉଛି ଏକ ପ୍ରକାର ଏୟାର-ବ୍ରେଦିଂ (ବାୟୁସେବୀ) ଜେଟ୍ ଇଞ୍ଜିନ୍, ଯାହା ଆସୁଥିବା ବାୟୁକୁ ସଙ୍କୋଚନ କରିବା ପାଇଁ କ୍ଷେପଣାସ୍ତ୍ରର ଅଗ୍ରଗାମୀ ବେଗ ବ୍ୟବହାର କରେ । ଏହି ଜ୍ଞାନକୌଶଳ ସାହାଯ୍ୟରେ କ୍ଷେପଣାସ୍ତ୍ରକୁ ଜେଟ୍ ଇଞ୍ଜିନ୍ ପରି ଘୂର୍ଣ୍ଣନ କରୁଥିବା ଯନ୍ତ୍ରାଂଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ବାହାରେ ଥିବା ବାୟୁ ଇଞ୍ଜିନର ଭିତର ଦେଇ ଗତି କରେ । ଏହା କ୍ଷେପଣାସ୍ତ୍ରକୁ ଉଚ୍ଚ ବେଗରେ ଦୀର୍ଘ ସମୟ ପର୍ଯ୍ୟନ୍ତ ନିରନ୍ତର ଶକ୍ତି ଦେଇଥାଏ ।

ରାମଜେଟ୍ ଚାଳିତ କ୍ଷେପଣାସ୍ତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ବହୁତ ଉଚ୍ଚ ବେଗ ବଜାୟ ରଖିପାରେ । ବିଶେଷକରି କ୍ଷେପଣାସ୍ତ୍ର ଉଡ଼ାଣର ଶେଷ ପର୍ଯ୍ୟାୟରେ ଟେକ୍ନୋଲୋଜି ଅଧିକ ଲାଭଦାୟକ ହୋଇଥାଏ । ଏହି କାରଣରୁ ଏହି କ୍ଷେପଣାସ୍ତ୍ରଗୁଡ଼ିକ ଦ୍ରୁତ, ଅଧିକ ଚତୁର ଓ ଶତ୍ରୁ ବିମାନ ପାଇଁ ଏଥିରୁ ରକ୍ଷା ପାଇବା ଅତ୍ୟନ୍ତ କଷ୍ଟକର । ମନ୍ତ୍ରାଳୟ ଏକ ବିବୃତିରେ କହିଛି ଯେ, ଏହି ସଫଳ ପ୍ରଦର୍ଶନ ଭାରତକୁ ବଛା ବଛା ଦେଶ ମଧ୍ୟରେ ସ୍ଥାନିତ କରିଛି ଯାହା ପାଖରେ ଏହି ପ୍ରଯୁକ୍ତି ଅଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ଲାବୋରେଟୋରୀ, ହାଇ ଏନର୍ଜି ମ୍ୟାଟେରିଆଲ୍ସ ରିସର୍ଚ୍ଚ ଲାବୋରେଟୋରୀ, ରିସର୍ଚ୍ଚ ସେଣ୍ଟର ଇମାରତ ଓ ଆଇଟିଆର୍ ସମେତ ଡିଆର୍‌ଡିଓର ବିଭିନ୍ନ ଲାବୋରେଟୋରିର ବରିଷ୍ଠ ବୈଜ୍ଞାନିକମାନେ ଏହି ପରୀକ୍ଷଣକୁ ଅନୁଧ୍ୟାନ କରିଥିଲେ ।

# ଅଣ୍ଡର-୧୯ ବିଶ୍ୱକପ : ଆଫଗାନିସ୍ତାନକୁ ହରାଇ ଫାଇନାଲରେ ଭାରତ

## ଆଫଗାନିସ୍ତାନ ୩୧୦/୪, ଭାରତ ୩୧୧/୩ : ଜର୍ଜଙ୍କ ଶତକ

ନୂଆଦିଲ୍ଲୀ, ୪/୧ : ପୁଣି ଫାଇନାଲରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ ଫାଇନାଲରେ ଟିମ୍ ଇଣ୍ଡିଆ। ଦ୍ୱିତୀୟ ସେମିଫାଇନାଲରେ ଆଫଗାନିସ୍ତାନକୁ ୭ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଆୟୁଷ ମାତ୍ରେଙ୍କ ଟିମ୍ ଭାରତ ଫାଇନାଲରେ ଇଂଲଣ୍ଡକୁ ଭେଟିବ ଫ ତେବେ ଷଷ୍ଠଥର ପାଇଁ ଅଣ୍ଡର-୧୯ ବିଶ୍ୱକପର ଫାଇନାଲ ଖେଳିବ।

ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୩୧୦ ରନ କରିଥିଲା। ଭାରତ ଆଗରେ ୩୧୧ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଟିମ ଇଣ୍ଡିଆ। ଏହାକୁ ୭ ୱିକେଟରେ ଜିତି ନେଇଛି। ଭାରତ ପକ୍ଷରୁ ଓପର ଆରୁନ ଜର୍ଜ ଶତକୀୟ ପାଳି (୧୧୫) ଖେଳିଥିଲେ ଭାରତ ମାତ୍ର ୪୧.୧ ବଲରେ ଏହି ବିଶାଳ ଲକ୍ଷ୍ୟକୁ ପୂରଣ କରିଛି । ଏହାସହ ଏହି ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ପାଳି ଖେଳିଛନ୍ତି । ସେ ୩୩ ବଲରେ ୬୮ ରନର ପାଳିଛନ୍ତି ।ଯେଉଁଥିରେ ୯ ଚେକା ଏବଂ ୪ ଛକା ରହିଛି ଏହାସହ ଅଧିନାୟକ ଆୟୁଷ ମାତ୍ରେ ମଧ୍ୟ ୬୨ ରନର ପାଳି ଖେଳିଥିଲେ । ଯାହାଫଳରେ ଭାରତ ଏକ ସହଜ ବିଜୟ ହାସଲ କରିଛି। ଟାଇଟଲ ବିଜୟଠାରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛି ଭାରତ। ଫାଇନାଲରେ ଇଂଲଣ୍ଡ ହେବ ଟକ୍କର ।






ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଦଳ ୪ ୱିକେଟ ହରାଇ ୩୧୦ ରନ କରିଥିଲା ।ଏହି ଟୁର୍ଣ୍ଣାମେଣ୍ଟରେ ଏହା ପ୍ରଥମ ଥର ଥିଲା, ଯେଉଁଥିରେ କୌଣସି ଦଳ ଭାରତ ବିରୁଦ୍ଧରେ ୨୦୦+ ସ୍କୋର କରିପାରିଥିଲା। ଆଫଗାନିସ୍ତାନର ବ୍ୟାଟସମାନମାନେ ଆତ୍ମବିଶ୍ୱାସ ସହ ଖେଳି ଭାରତୀୟ ବୋଲରଙ୍କୁ ଏକ ବଡ଼ ଚ୍ୟାଲେଞ୍ଜ ଦେଇଥିଲେ । ଦଳ ପକ୍ଷରୁ ସିନୋଜାଦା ୧୧୦ ରନ୍, ନିଆଜାଇ ୧୦୧ ରନ୍ କରିଥିଲେ।

ଅପରାଜିତ ଭାରତୀୟ ଦଳ ଏବେ ରେକର୍ଡ ୬ ଥର ଅଣ୍ଡର-୧୯ ୱାର୍ଲ୍ଡ କପ୍ ଟ୍ରଫି ଜିତିବା ଦିଗରେ ଆଉ ଏକ ପଦକ୍ଷେପ ନେଇଛି। ଭାରତ ପୂର୍ବରୁ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ ମସିହାରେ ଏହି ଟାଇଟଲ ଜିତିଛି, ଯାହା ସବୁଠାରୁ ଅଧିକ।ଅନ୍ୟପଟେ, ଆଫଗାନିସ୍ତାନ ଦଳ ମଧ୍ୟ ଟୁର୍ଣ୍ଣାମେଣ୍ଟରେ ଶାନଦାର ପ୍ରଦର୍ଶନ କରି ସେମିଫାଇନାଲ ପର୍ଯ୍ୟନ୍ତ ପହଞ୍ଚିଥିଲା ଏବଂ ସମସ୍ତଙ୍କ ମନ ମଧ୍ୟ ଜିତିଛି।

ହରାରେଠାରେ ବୁଧବାର ଖେଳାଯାଇଥିବା ଭାରତ-ଆଫଗାନିସ୍ତାନ ୧୯ବର୍ଷର କମ୍ ବିଶ୍ୱକପ୍ ସେମିଫାଇନାଲ୍‌ରେ ଏକ ବିଚିତ୍ର ଘଟଣା ଘଟିଥିଲା। ଏହି ମ୍ୟାଚ୍‌ର ଏକ ଓଭରରେ ଭାରତୀୟ ବୋଲର୍ ନୋ କିମ୍ବା ୱାଇଡ୍ ବଲ୍ ପକାଇ ନଥିଲେ ହେଲେ ଆଫଗାନିସ୍ତାନକୁ ଗୋଟିଏ ବଲ୍‌ରୁ ୯ ରନ୍ ମିଳିଯାଇଥିଲା। ଘଟଣାଟି ଘଟିଥିଲା ଆଫଗାନିସ୍ତାନ ପାଳିର ସପ୍ତଦଶ ଓଭରରେ।

ଜୁନିଅର୍ ଟିମ୍ ଇଣ୍ଡିଆର ପ୍ରମୁଖ ବୋଲର୍ ଦୀପେଶ ଦେବେନ୍ଦ୍ରନ୍ ତାଙ୍କର ଏହି ଅସ୍ୱାଭାବିକ ଓଭରର ପ୍ରଥମ ପାଞ୍ଚ ବଲ୍‌ରେ ମାତ୍ର ଗୋଟିଏ ରନ୍ ବ୍ୟୟ କରିଥିଲେ। ଶେଷ ବଲ୍ କିନ୍ତୁ ନାଟକୀୟ ମୋଡ଼ ଆଣିଥିଲା। ଆଫଗାନ ବ୍ୟାଟର୍ ଫୈଜଲ ସିନୋଜାଦା ଲେଗ୍ ସାଇଡ୍‌ରେ ଥିବା ଏହି ବଲ୍‌କୁ ସଟ୍ ମାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହା ତାଙ୍କ ସହ ଭାରତୀୟ ୱିକେଟ୍ ରକ୍ଷକ ଅଭିଜ୍ଞାନ କୁଣ୍ଡୁଙ୍କ ଚକ୍‌ମା ଦେଇ ପଛକୁ ଗଡ଼ି ଯାଇଥିଲା। ତାସହିତ ଭାରତୀୟ ଦଳ ପଡ଼ିଆରେ ରଖିଥିବା ଏକ ହେଲମେଟ୍‌ରେ ବାଜି ସୀମା ରେଖା ଅତିକ୍ରମ କରି ଯାଇଥିଲା। ଫଳରେ ଆଫଗାନିସ୍ତାନକୁ ଏକ ଚେକା ସହ ୫ ପେନାଲ୍ଟି ରନ୍ ମଧ୍ୟ ମିଳିଯାଇଥିଲା। ଗୋଟିଏ ବଲ୍‌ରୁ ଏହି ଦଳ ଭାଗ୍ୟ ବଳରେ ମୋଟ ୯ ରନ୍ ପାଇଥିଲା ।ଏହି କ୍ଷେତ୍ରରେ ଅମ୍ପାୟାର ଏମ୍‌ସିସି ନିୟମ ୨୮.୩.୨ର ଉପଯୋଗ କରିଥିଲେ। ଏହି ନିୟମ ଅନୁସାରେ ଯଦି କ୍ଷେତ୍ରରକ୍ଷଣ କରୁଥିବା ଦଳ ପଡ଼ିଆରେ ରଖିଥିବା ହେଲମେଟ୍‌ରେ କେଣସି କରଣରୁ ବଲ୍ ବାଜି ଯାଏ, ତାହେଲେ ବ୍ୟାଟିଂ କରୁଥିବା ଦଳକୁ ୫ ପେନାଲ୍ଟି ରନ୍ ପ୍ରଦାନ କରାଯାଇଥାଏ ଏହା ପୂର୍ବରୁ ଯଦି କେଣସି ରନ୍ ବ୍ୟାଟିଂ ଦଳ ଅର୍ଜନ କରିଥାଏ, ତାହେଲେ ମଧ୍ୟ ସେହି ରନ୍‌କୁ ପେନାଲ୍ଟି ୫ ରନ୍‌ରେ ଯୋଡ଼ି ଦିଆଯାଇଥାଏ।

# ପାକିସ୍ତାନ ଅଭ୍ୟାସ ମ୍ୟାଚରେ ବର୍ଷା

ନୂଆଦିଲ୍ଲୀ, ୪/୨ : ଆସନ୍ତା ୭ ତାରିଖରୁ ଖେଳାଯିବ ଟି-୨୦ ବିଶ୍ୱକପ ସମସ୍ତ ଦଳ ନିଜର ଅଭ୍ୟାସ ଆରମ୍ଭ କରିଛନ୍ତି ।ଅଭ୍ୟାସ ମ୍ୟାଚରେ ନିଜର ଦକ୍ଷତା ପ୍ରତିପାଦନ ପାଇଁ ସମସ୍ତ ଦଳ ପ୍ରୟାସ କରିଛନ୍ତି ।ତେବେ କଲମ୍ବୋରେ ନିଜର ସମସ୍ତ ମ୍ୟାଚ ଖେଳିବ ପାକିସ୍ତାନ। ଏହା ପୂର୍ବରୁ କଲମ୍ବୋରେ ଆୟାରଲ୍ୟାଣ୍ଡ ବିପକ୍ଷରେ ନିଜର ଅଭ୍ୟାସ ମ୍ୟାଚ ଖେଳିଥାନ୍ତା ।ପାକିସ୍ତାନ ବୁଧବାର ଏହି ମ୍ୟାଚ ଖେଳାଯିବାକୁ ଥିବାବେଳେ ବାତିଲ୍ ହୋଇଯାଇଛି ।

ଅଭ୍ୟାସ ମ୍ୟାଚରେ ପାକିସ୍ତାନ ନିଜର ଖେଳାଳିଙ୍କ ଦକ୍ଷତା ଦେଖିଥାନ୍ତା। କିନ୍ତୁ ଏହି ଅଭ୍ୟାସ ମ୍ୟାଚ ପୂର୍ବରୁ ବର୍ଷା ସାଜିଛି ବାଧକ। ଏହି ମ୍ୟାଚ ବାତିଲ ହୋଇଥିବା ମ୍ୟାଚ ଖେଳିବାର ସୁଯୋଗ ପାଇନି ପାକିସ୍ତାନ ।ପାକିସ୍ତାନ ନିଜର ସମସ୍ତ ମ୍ୟାଚ ଏହି କଲୋମ୍ବୋରେ ଖେଳିବ। ଆସନ୍ତା ୭ ତାରିଖରେ ନେଦରଲ୍ୟାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ ମାତ୍ର ଏହା ପୂର୍ବରୁ ଅଭ୍ୟାସ ମ୍ୟାଚ ଖେଳିବାରୁ ସୁଯୋଗ ହରାଇଛି । କହି ରଖୁଛୁ କି, ଭାରତ ବିପକ୍ଷରେ ଟି-୨୦ ବିଶ୍ୱକପରେ ମ୍ୟାଚ ଖେଳିବାକୁ ମନା କରିଛି ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରେ ପାକିସ୍ତାନ ତିନୋଟି ମ୍ୟାଚ ଖେଳିବ ଗ୍ରୁପ- ଏରେ ଭାରତ, ପାକିସ୍ତାନ, ଆମେରିକା, ନେଦରଲ୍ୟାଣ୍ଡ ସହ ରହିଛି ନାମିବ୍ୟା ପ୍ରତି ଗ୍ରୁପରୁ ଦୁଇଟି ଦଳ ସୁପର-୮କୁ ଯିବେ।

# କେନ୍ଦୁଝରରୁ ଜାତୀୟସ୍ତରର ତୀରନ୍ଦାଜ ସୃଷ୍ଟି କରୁଛି ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଣ୍ଟର



କେନ୍ଦୁଝର,୪।୨: ଓଡ଼ିଶାର କେନ୍ଦୁଝର ଜିଲ୍ଲା ଶଙ୍କରପୁରସ୍ଥିତ ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଂଟର(ଓଟିଏପିଏଚ୍‌ସି) ଏବେ ଦେଶର ଭବିଷ୍ୟତର ଧନୁର୍ଦ୍ଧରମାନଙ୍କ କ୍ରୀଡ଼ାଭୂମି ସାଜିଛି। ଓଡ଼ିଶା ସରକାର ଏବଂ ଟାଟା ଷ୍ଟିଲର ମିଳିତ ପ୍ରଚେଷ୍ଟାରେ ଏହି ସେଂଟରରୁ ମାତ୍ର ୨୨ ମାସରେ ୧୪ ଜଣ ଜାତୀୟସ୍ତରର ଖେଳାଳି ସୃଷ୍ଟି ହୋଇପାରିଛନ୍ତି। ବିଶ୍ୱସ୍ତରୀୟ ଭିତିଭୂମି ଓ ଆଧୁନିକ ପ୍ରଶିକ୍ଷଣ ମାଧ୍ୟମରେ ଏହି କେନ୍ଦ୍ର ବିଶେଷ କରି ରାଜ୍ୟର ଜନଜାତି ଓ ଗ୍ରାମାଂଚଳର ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀତା ପାଇଁ ପ୍ରସ୍ତୁତ କରୁଛି।

୨୦୨୪ ମସିହାରେ ଓଡ଼ିଶା ସରକାର ଏବଂ ଟାଟା ଷ୍ଟିଲର ମିଳିତ ପ୍ରୟାସରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ ଜଣ କ୍ୟାଡେଟ(୧୨ ଜଣ ବାଳକ ଓ ୧୨ ଜଣ ବାଳିକା)ଙ୍କୁ ନେଇ ବିଶ୍ୱସ୍ତରୀୟ ଭିତିଭୂମି, ଆଧୁନିକ ଉପକରଣ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟ ହୋଇଥିଲା। ସମୟାନୁକ୍ରମେ ଏହା କେବଳ ଏକ ପ୍ରଶିକ୍ଷଣ କେନ୍ଦ୍ର ହୋଇ ରହିନାହିଁ, ବରଂ ଗ୍ରାମାଂଚଳ ଓ ଜନଜାତି ସମ୍ପ୍ରଦାୟରୁ ଆସୁଥିବା ପ୍ରତିଭାମାନଙ୍କୁ ଉଚ୍ଚକୋଟୀର ଆଥଲେଟ୍ ଭାବେ ଗଢ଼ିତୋଳିବାର ଏକ ସଫଳ ମାଧ୍ୟମ ପାଲଟିଛି।

**୨୨ ମାସରେ ୧୪ ଜାତୀୟସ୍ତରର ଖେଳାଳି ସୃଷ୍ଟି**

ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଥିବା ମାଲକାନଗିରି ଜିଲ୍ଲାର ନକ୍ସଲ ପ୍ରଭାବିତ ଦୁର୍ଗମ ଗ୍ରାମରେ ଜନ୍ମିତ ଅର୍ଜୁନ ଖରାଙ୍କ ପାଇଁ ଏହି ଯାତ୍ରା ଆଦୌ ସହଜ ନଥିଲା। ସାଧାରଣ ମୌଳିକ ସୁବିଧା ଅଭାବ ଭିତରେ ବଢ଼ିଥିବା ଜଣେ ଚାଷୀଙ୍କ ପୁଅ ଅର୍ଜୁନ। ୨୦୨୪ ମସିହାରେ ଓଟିଏପିଏଚ୍‌ସି ପାଇଁ ମନୋନୀତ ହେବା ପରେ ତାଙ୍କ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା। ଶୃଙ୍ଖଳିତ ପ୍ରଶିକ୍ଷଣ ଏବଂ ବୃତିଗତ ମାର୍ଗଦର୍ଶନ ତାଙ୍କୁ ଖୁବ୍ କମ୍ ସମୟ ମଧ୍ୟରେ ଜାତୀୟ ସ୍ତରରେ ପହଂଚାଇ ପାରିଛି। ଆଜି ସେ ସିନିୟର ନ୍ୟାସନାଲ ଆର୍ଚେରୀ ଚାମ୍ପିଅନସିପ୍, ନ୍ୟାସନାଲ ଗେମ୍ସ ଏବଂ ଏନ୍‌ଟିପିସି ନ୍ୟାସନାଲ ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଂଟ ଭଳି ବଡ଼ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ଆନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବା।

ଅର୍ଜୁନ କୁହନ୍ତି, 'ଜନଜାତି ପରିବାରର ହୋଇଥିବାରୁ ଧନୁର୍ବିଦ୍ୟା ପ୍ରତି ମୋର ପିଲାଦିନୁ ଆଗ୍ରହ ଥିଲା। ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଂଟରରେ ମିଳୁଥିବା ସୁବିଧା ମୋତେ ଧନୁର୍ବିଦ୍ୟା କ୍ଷେତ୍ରରେ ଆଗକୁ ବଢ଼ିବାରେ ସାହାଯ୍ୟ କରିଛି। ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିବା ମୋର ସ୍ୱପ୍ନ।'

ଏହି ସଫଳତା ସମ୍ପର୍କରେ ଟାଟା ଷ୍ଟିଲର ସ୍ପୋର୍ଟସ ଚିଫ୍ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି ଯେ, 'ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଂଟର ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭାଙ୍କୁ ଖୋଜି ବାହାର କରି ସେମାନଙ୍କୁ ଜାତୀୟ ସ୍ତରର ଶ୍ରେଷ୍ଠ ଖେଳାଳି ଭାବେ ଗଢ଼ିତୋଳିବା ପାଇଁ ପ୍ରତିବଦ୍ଧ। ଏହି ଯୁବ ଧନୁର୍ଦ୍ଧରମାନଙ୍କ ସଫଳତା ପ୍ରମାଣ କରୁଛି ଯେ ଯଦି ସଠିକ୍ ଭିତିଭୂମି, ପ୍ରଶିକ୍ଷଣ ଏବଂ ସହଯୋଗ ମିଳେ, ତେବେ ଓଡ଼ିଶା ଆନ୍ତର୍ଜାତୀୟସ୍ତରର ଚାମ୍ପିୟନ ସୃଷ୍ଟି କରିପାରିବ।'

ସେହିପରି ଯାଜପୁର ଜିଲ୍ଲାର ସୀତା ହେମ୍ବ୍ରମଙ୍କ କାହାଣୀ ମଧ୍ୟ ଅତ୍ୟନ୍ତ ପ୍ରେରଣାଦାୟୀ। ପିଲାଦିନରୁ ବାପା, ମାଆ ଏବଂ ଭାଇଙ୍କୁ ହରାଇଥିବା ସୀତା ଅଳ୍ପ ବୟସରୁ ବହୁ ପାରିବାରିକ ଦାୟିତ୍ୱ ମୁଣ୍ଡାଇଥିଲେ। ସାନ ଭଉଣୀର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେ କେନ୍ଦୁଝର ସେଂଟରରେ ଟ୍ରାଏଲ୍ ଦେଇଥିଲେ ଏବଂ ମନୋନୀତ ହୋଇଥିଲେ। ୨୦୨୪ ମସିହାରୁ ଓଏଟିଏଚ୍‌ପିସି ସହିତ ଯୋଡ଼ି ହେବା ପରେ ଧନୁର୍ବିଦ୍ୟା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ସେ ଓଡ଼ିଶା ଷ୍ଟେଟ୍ ଇଂଟର ସ୍କୁଲ ଆର୍ଚେରୀ ଚାମ୍ପିଅନସିପ୍ ୨୦୨୫ରେ ପଦକ ଜିତି ରାଜ୍ୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।ସୀତା କୁହନ୍ତି, 'ଏହି ଏକାଡେମୀରେ ଯୋଗଦେବା ପୂର୍ବରୁ ମୋର ଧନୁର୍ବିଦ୍ୟା ବିଷୟରେ କୌଣସି ଜ୍ଞାନ ନଥିଲା। କିନ୍ତୁ ବିଗତ ଏକ ବର୍ଷ ମଧ୍ୟରେ ମୁଁ ଏଠାରେ ଯେଉଁ ବୈଷୟିକ କୌଶଳ ଶିଖିଲି, ତାହା ମୋତେ ସଫଳତା ଦେଇଛି। ଏହି ସୁବିଧା ଯୋଗାଇ ଦେଇଥିବାରୁ ମୁଁ ଟାଟା ଷ୍ଟିଲକୁ ଧନ୍ୟବାଦ ଜଣାଉଛି।'

# ସ୍ମୃତି-ଜେମିମା ଟ୍ରଫି ଟକ୍କର

ନୂଆଦିଲ୍ଲୀ,୦୪।୦୨; ଦିଲ୍ଲୀ କ୍ୟାପିଟାଲ୍ସ କ୍ରମାନ୍ୱୟରେ ଚତୁର୍ଥ ଥର ପାଇଁ ଡବ୍ଲ୍ୟୁପିଏଲ୍ ଫାଇନାଲ୍‌ରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଏଲିମିନେଟର ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ଗୁଜରାଟ ଜାଏଣ୍ଟ୍ସକୁ ହରାଇଥିଲ॥ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜାଏଣ୍ଟ୍ସ ୬ିକେଟ୍ ହରାଇ ୧୬୮ ରନ ସଂଗ୍ରହ କରିଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୫.୪ ଓଭରରେ ୩ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ପୂର୍ବ ୩ଟି ଯାକ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ଫାଇନାଲ୍ ଖେଳିଛି ଓ ରନର୍ସ ଅପ୍ ଅଭିଯାନ ଶେଷ କରିଛି। ଗୁଜରାଟ ବିପକ୍ଷ ଏଲିମିନେଟର ମ୍ୟାଚରେ ପ୍ଲେୟାର ଅଫ୍ ଦି ମ୍ୟାଚ ହୋଇଥିଲେ ଜେମିମା ।



ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରାରମ୍ଭରୁ ଶୃଙ୍ଖଳିତ ବୋଲିଂ ପ୍ରଦର୍ଶନ କରିଥିଲା । ଗୁଜରାଟ ଜାଏଣ୍ଟ୍ସ ମାତ୍ର ୯ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା ।ଦୁର୍ଦ୍ଧର୍ଷ ବ୍ୟାଟର ଶୋଫି ଡିଭାଇନ୍ ମାତ୍ର ୬ ରନ କରି ଆଉଟ୍ ହୋଇଥିଲେ। ୫୯ ରନ୍‌ର ୪ଟି ୱିକେଟ୍ ହରାଇ ଗୁଜରାଟ ଜାଏଣ୍ଟ୍ସ ସଂକଟରେ ପଡ଼ି ଯାଇଥିଲ। ଦଳୀୟ ସ୍କୋର ୧୨୦ ବେଳେ ୱାରେହାମ ବ୍ୟକ୍ତିଗତ ୩୫(୩ଚୌକା ଓ ୧ଛକା) ରନ କରି ଆଉଟ୍ ହୋଇଥିଲେ ପରେ ଦଳ ଆଉ ୨ଟି ୱିକେଟ୍ ହରାଇଥିଲେ ହେଁ ମୁନି ଗୋଟିଏ ପଟେ ଆକ୍ରମଣ ଜାରି ରଖି ଅର୍ଦ୍ଧଶତକ ଅର୍ଜନ କରିବା ସହ ଦଳୀୟ ସ୍କୋରକୁ ୧୬୮ରେ ପହଞ୍ଚାଇଥିଲେ ।

ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସର ଦୁଇ ଓପନର ଲିଜେଲି ଲି ଓ ଶେଫାଳି ବର୍ମା ବିସ୍ଫୋରକ ବ୍ୟାଟିଂ କରି ୮୯ ରନ୍‌ର ଭାଗିଦାରୀ ଗଠନ କରିଥିଲେ। ଅଷ୍ଟମ ଓଭରରେ ଉଭୟ ଓପନରଙ୍କୁ ଆଉଟ୍ କରିଥିଲେ। ୱାରେହାମ ଲି ୨୪ଟି ବଲ୍‌ର ୮ଚୌକା ଓ ୧ ଛକା ବଳରେ ୪୩, ଶେଫାଳି ୨୧ଟି ବଲ୍‌ରୁ ୭ ଚୌକା ବଳରେ ୩୧ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଲୌରା ଉଲଭାର୍ଟ ଓ ଜେମିମା ରୋଡ୍ରିଗ୍ସ ଦର୍ଶନୀୟ ସଟମାନ ଖେଳି ୬୮ ରନ୍‌ର ଭାଗିଦାରୀ ଗଠନ କରିବା ଫଳରେ ଦଳୀୟ ସ୍କୋର ୧୬୦ରେ ପହଞ୍ଚିଥିଲ॥ ଜେମିମା ୨୩ଟି ବଲ୍‌ରେ ୪ଚୌକା ଓ ୧ ଛକା ବଳରେ ୪୧ ରନ କରି ଆଉଟ୍ ହୋଇଥିଲେ । ଉଲଭାଟ୍ର ଓ ମରିଜାନ କାପ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ ଉଲଭାର୍ଟ ୩୨(୨ଚୌକା, ୧ଛକା) ରନ କରିଥିଲେ ।

# ସେମିଫାଇନାଲରେ ଯାଜପୁର ୧୧ ଷ୍ଟାର

ଭଦ୍ରକ,୪।୨: ମଞ୍ଜୁରୀରୋଡ ମହାବୀର ୟୁଥ କ୍ଲବ ଆନୁକୂଲ୍ୟରେ ମେଡିକାଲ ପଡିପାରେ ଚଳିତ ବର୍ଷ ଅନୁଷ୍ଠିତ ୩୨ ତମ ଶକୁନ୍ତଳା ଲେଙ୍ଗ କ୍ରିକେଟ ଟୁର୍ଗମେ ର ତୃତୀୟ କ୍ଲାଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଫ୍ୟୁଚର ଜୁବ ଏକାଦଶ ସହ ଯାଜପୁର ୧୧ ଷ୍ଟାର ବଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଫ୍ୟୁଚର ବ୍ଲୁକ ଅଧିନାୟକ ଟସ ଜିଣି ପ୍ରଥମେ ଫିଲିଂ ନିଷ୍ପା ନେଇଥିଲେ । ଯାଜପୁର ୧୧ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୬ ରନ ସ୍କୋର କରିଥିଲା । ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ଭରତ ସାହୁ ୩୪ ଓ ଚନ୍ଦନ ନାୟକ ୩୨ ରନ ହାସଲ କରିଥିଲେ । ପ୍ରତିପକ୍ଷ ବୋଲର ନିମ୍ନ ପ୍ରଧାନ ୩ ଓ ସହିତ ମହାରଣା ୨ ଉଇକେଟ ଲେଖାଏଁ ଅକ୍ତିଆର କରିଥିଲେ । ଜବାବରେ ଫ୍ୟୁଚର ଦଳ ୧୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ହାସଲ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ କାହ୍ନା ଭୂତିଆ ଓ ଅବିନାଶ ନାୟକ ପ୍ରତ୍ୟେକ ୨୭ ଲେଖାଏଁ ଚନ ହାସଲ କରିଥିଲେ । ବିପକ୍ଷ ଟେଲର ଦିବ୍ୟ ଜ୍ୟୋତି ଓ ଚନ୍ଦନ ନାୟକ ପ୍ରତ୍ୟେକ ୩ ଉଇକେଟ ଲେଖାଏଁ ଅକ୍ତିଆର କରିଥିଲେ । ଚନ୍ଦନ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଚିନ୍ମୟ ସେନାପତି ଓ କାଳନ୍ଦୀ ପଣ୍ଡା ଅମ୍ପାୟାର, ଲକ୍ଷ୍ମଣ ସେନାପତି ମ୍ୟାଚ ରେଫରୀ, ଶାଶ୍ୱତ କୁମାର ବାରିକ ଓ ମାନସ ପାଢୀ ସ୍କୋରର, ପ୍ରତ୍ୟୁଷ ସାହୁ ଓ ଶ୍ରୀକାନ୍ତ ଖଣ୍ଡେଇ ଧାରାବିବରଣୀ ପ୍ରଦାନ କରିଥିଲେ । ଆନ୍ଧ୍ରପ୍ରଦେଶ ଆକାର କୁଟ ସହ କେନ୍ଦ୍ରପଡା ଇନ୍ଦ୍ରପୁର ଜି.ସି.ସି. କ୍ଲବର ଶେଷ କ୍ୱାଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହେବ ।

# ମା ବାଶୁଳି କ୍ରିକେଟ : ବେଗନା ଚାମ୍ପିଆନ

କେନ୍ଦୁଝର,୪।୨ : ପାଟଣା ବ୍ଲକ ବଡ଼ପାଟଣା ମା ବାଶୁଳି କ୍ରିକେଟ କମିଟି ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚ ବେଗନା ଟିମ ବନାମ ଗରାଣ୍ଡିଯୋଡି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଗରାଣ୍ଡିଯୋଡି ଟିମ୍ ୮୨ ରନ୍ କରିଥିବାବେଳେ ବେଗନା ଟିମ୍ ୧୦୯ ରନ୍ କରି ଚାମ୍ପିଆନ ହୋଇଥିଲେ। ଟୁର୍ଣ୍ଣାମେଂଟରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବୈକୁଣ୍ଠ ବାରିକ ଓ ଶ୍ରବଣ ବାରିକ ଆମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଉଦଯାପନି ତଥା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ପ୍ରତିନିଧି କମଳା କାନ୍ତ ଦାଶ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ବଡ଼ପାଟଣା ସରପଂଚ ବିନତି ବାନରା, ୱାର୍ଡ଼ ସଦସ୍ୟ ଟୁଂଟୁ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଂଟରେ ଚାମ୍ପିଆନ ବେଗନା ଟିମ୍‌କୁ ଅତିଥିମାନେ ଟ୍ରଫି ସହିତ ନଗଦ ୨୦ ହଜାର ଓ ରନର୍ସଅପ ଦଳ ଗରାଣ୍ଡିଯୋଡି ଟିମ୍‌କୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ଜୟଦେବ ବାରିକ, ରଞ୍ଜନ କୁମାର ବାରିକ, ବଳରାମ ବାରିକ, ସୁଦର୍ଶନ ମହାରଣା, ଡମ୍ବରୁଧର ବାରିକ, ଚିନ୍ମୟ ଦେହୁରୀ, ସିନୁ ବାରିକ, ଦିନେଶ ସେଠୀ, ପିନୁ ବାରିକ, ଫୁଡୁଲୁ ବାରିକ, ଲିଙ୍କୁ ଦେହୁରୀ ଦେବାନନ୍ଦ ନାଏକ, ଶୁଶାନ୍ତ ବାରିକ, ସାନବାବୁ ମହାରଣା, ପଳଉ ଦେହୁରୀ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଜିନ୍ଦଲ ଷ୍ଟେନଲେସ୍ ସିଏସଆରର ବାର୍ଷିକ ମହିଳା କ୍ରୀଡା ଆୟୋଜନ

କଳିଙ୍ଗନଗର, ଯାଜପୁର,୪।୨(ମହାଭାରତ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ)ର ସାମାଜିକ ଦାୟୀତ୍ୱ ବିଭାଗ ଗତ ମାସର ୨୯ ଏବଂ ୩୧ ତାରିଖରେ ତ୍ରିଜଙ୍ଗାର ଇଡକୋ ଗ୍ରାଉଣ୍ଡରେ ଏହାର ବାର୍ଷିକ ମହିଳା କ୍ରୀଡା ମହୋତ୍ସବ ସଫଳତାର ସହିତ ଆୟୋଜନ କରିଥିଲା, ଯାହା ମହିଳାମାନଙ୍କ ମଧ୍ୟରେ ସୁସ୍ଥତା, ସଶକ୍ତିକରଣ ଏବଂ ସାମୁଦାୟିକ ବନ୍ଧନର ଭାବନାକୁ ପାଳନ କରିଥିଲା। ଦୁଇ ଦିନିଆ ମହୋତ୍ସବରେ ଜିନ୍ଦଲ ଦ୍ୱାରା ପରିଚାଳିତ ପାଞ୍ଚଟି ସିଲାଇ ଶିକ୍ଷା କେନ୍ଦ୍ର, ଦୁଇଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର, ଦୁଇଟି ପ୍ରୟୋଗିକ ଶିକ୍ଷା କେନ୍ଦ୍ର, ଅସ୍ମିତା ଉତ୍ପାଦନ କେନ୍ଦ୍ର ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନର କ୍ଷେତ୍ର କର୍ମଚାରୀଙ୍କ ପ୍ରତିନିଧିତ୍ୱରେ ୨୧୦ ଜଣ ମହିଳା ଉତ୍ସାହୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ୧୦୦ ମିଟର ଦୌଡ଼, ଛୁଞ୍ଚି-ସୂତା ଦୌଡ଼, ଦୌଡ଼ି ଣ୍ଡିଆଁ, ସଂଗୀତ ଚେୟାର, କବାଡି ଏବଂ କ୍ରିକେଟ୍ ସମେତ ବିଭିନ୍ନ କ୍ରୀଡା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମରେ



ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ବରିଷ୍ଠ ମହିଳା ଇଞ୍ଜିନିୟର - ଶ୍ରୀମତୀ ହେମାଙ୍ଗିନୀ ଦାସ, ଶ୍ରୀମତୀ ପ୍ରୀତି ପଲ ଏବଂ ଶ୍ରୀମତୀ ଦିବ୍ୟଶ୍ରୀ ନାଥ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ଏବଂ ଟ୍ରଫି ବଣ୍ଟନ କରିଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ଦକ୍ଷତା ବିକାଶ ସହିତ କ୍ରୀଡା ଏବଂ ଶାରୀରିକ ସୁସ୍ଥତା ପାଇଁ ଉତ୍ସାହିତ କରିଥିଲେ। କବାଡି ପ୍ରତିଯୋଗିତାରେ, ଅଲେଖପୁର ଆପ୍ଲିକ ସେଣ୍ଟର ବିଜେତା ଭାବରେ ଉଭା ହୋଇଥିଲା, ତା'ପରେ ଅସ୍ମିତା ମାନୁଫାକଚ୍ଚରିଂ ସେଣ୍ଟର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କ୍ରିକେଟରେ, ଦାନଗଦୀର ଜିତ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ବିଜେତା ଟ୍ରଫି ଉଠାଇଥିଲା, ଯେତେବେଳେ ପେଣ୍ଟାସିସ୍ କମ୍ପ୍ୟୁଟର ସେଣ୍ଟର, ମାନତିରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କାର୍ଯ୍ୟକ୍ରମକୁ ଜିନ୍ଦଲ ର ସାମାଜିକ ଦାୟୀତ୍ୱ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ, ଯେଉଁମାନେ ମହିଳା ସଶକ୍ତିକରଣ ଏବଂ ସମ୍ପ୍ରଦାୟ ବିକାଶ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହିପରି ପଦକ୍ଷେପ ମାଧ୍ୟମରେ, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ସ୍ଥାନୀୟ ସମ୍ପ୍ରଦାୟ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିଚାଲିଛି, ସ୍ୱାସ୍ଥ୍ୟ, ଆତ୍ମବିଶ୍ୱାସ, ଦଳଗତ କାର୍ଯ୍ୟ ଏବଂ ଅର୍ଥପୂର୍ଣ୍ଣ ସାମାଜିକ ସଂଯୋଗକୁ ପ୍ରୋତ୍ସାହିତ କରି ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରୁଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ